କାର୍ଡମେମ୍ବରଙ୍କ ସର୍ତ୍ତ ଓ ନିୟମାବଳୀ :

ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ବ୍ୟାଙ୍କ, ଭାରତ, ର କ୍ରେଡିଟ୍ କାର୍ଡ ବ୍ୟବସ୍ଥା ପ୍ରତି ଏସବୁ ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ ।

1. **ବ୍ୟାଖ୍ୟା :** (ଅ) ''ଆବେଦକ'' କହିଲେ ବୁଝାଇବ : (1) ବ୍ୟାଙ୍କ ଦ୍ୱାରା ଜାରି କରାଯାଉଥିବା ଭିସା (ଗୋଲ୍ଡ ଷ୍ଟାଣ୍ଡାର୍ଡ ବା ଏକ୍ଜିକ୍ୟୁଟିଭ ବା କ୍ଲାସିକ୍ ବା ପ୍ଲାଟିନମ୍ ବା ଦ କ୍ରିକେଟ କାର୍ଡ) କିମ୍ବା ମାଷ୍ଟର କାର୍ଡ (ଗୋଲ୍ଡ ଷ୍ଟାଣ୍ଡାର୍ଡ ବା ଏକ୍ଜିକ୍ୟୁଟିଭ ବା କ୍ଲାସିକ୍ ବା ସପ୍ନେ ବା ଟିଟାନିଅମ୍) କିମ୍ବା ଅନ୍ୟ ଯେକୌଣସି କାର୍ଡ ପାଇଁ ଆବେଦନ ସ୍ୱାକ୍ଷର କରିଥିବା ବ୍ୟକ୍ତି ଓ / ବା (2) କାର୍ଡ ସ୍ୱାକ୍ଷର କରିଥିବା ବା ବ୍ୟବହାର କରିଥିବା ବ୍ୟକ୍ତି । (ଆ) 'ବ୍ୟାଙ୍କ' କହିଲେ ବୁଝାଇବ ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ବ୍ୟାଙ୍କ, ଖାସ୍ କରି ଇଣ୍ଡିଆ ବ୍ୟାଙ୍କକାର୍ଡ ସେଣ୍ଟର, ଏହାର ସକ୍ସେସର୍ସ, ଆସାଇନୀଜ୍, ଏଜେଣ୍ଟ୍ସ ଓ ଅଧିକୃତ ପ୍ରତିନିଧିଗଣ । (ଇ) 'ଏକାଉଣ୍ଟ ହୋଲ୍ଡର୍' କହିଲେ ବୁଝାଇବ ଜଣେ ଆବେଦକ (ତେଣିକି ସିଏ କାର୍ଡମେମ୍ବର ହୋଇଥାଆନ୍ତୁ ବା ହୋଇନଥାନ୍ତୁ), ଯାହାଙ୍କ ନାମରେ ବ୍ୟାଙ୍କ ଗୋଟିଏ କାର୍ଡ ଏକାଉଣ୍ଟ ଖୋଲିସାରିଛି ବା ଖୋଲିବାକୁ ସ୍ଥିର କରିଛି । (ଈ) 'କାର୍ଡ' କହିଲେ ବୁଝାଇବ, ଠିକ୍ ସେଇୟା, ମାନେ ବ୍ୟାଙ୍କ ଦ୍ୱାରା ଜଣେ କାର୍ଡମେମ୍ବରଙ୍କୁ ଜାରି କରାଯାଇଥିବା ଭିସା (ଗୋଲ୍ଡ ଷ୍ଟାଣ୍ଡାର୍ଡ ବା ଏକ୍ଜିକ୍ୟୁଟିଭ ବା କ୍ଲାସିକ୍ ବା ପ୍ଲାଟିନମ୍ ବା ଦ କ୍ରିକେଟ କାର୍ଡ), ମାଷ୍ଟର କାର୍ଡ (ଗୋଲ୍ଡ ଷ୍ଟାଣ୍ଡାର୍ଡ ବା ଏକ୍ଜିକ୍ୟୁଟିଭ ବା କ୍ଲାସିକ୍ ବା ସପ୍ନେ ବା ଟିଟାନିଅମ୍) କିମ୍ବା ଅନ୍ୟ ଯେକୌଣସି କାର୍ଡ । (ଉ) 'କାର୍ଡ ଏକାଉଣ୍ଟ' କହିଲେ ବୁଝାଇବ, ଏଠାରେ ଉଲ୍ଲିଖିତ ସର୍ତ୍ତ ଓ ନିୟମାବଳୀ ଅନୁସାରେ କାର୍ଡ'ର ଉପଯୋଗ ପାଇଁ ବ୍ୟାଙ୍କ ଦ୍ୱାରା ଖୋଲାଯାଇଥିବା ଏବଂ ମେଣ୍ଟେନ୍ କରାଯାଉଥିବା ଏକାଉଣ୍ଟ । (ଊ) 'କାର୍ଡମେମ୍ବର' କହିଲେ ବୁଝାଇବ ଜଣେ ବ୍ୟକ୍ତିଗତ ଆବେଦକ (ଏକାଉଣ୍ଟ ଧାରକ ହୋଇଥାଇପାରନ୍ତି ବା ନ ହୋଇଥାଇପାରନ୍ତି) ଯାହାଙ୍କୁ ତାଙ୍କରି ନାମ ଥିବା କାର୍ଡ ବ୍ୟାଙ୍କ ଜାରି କରିଥିବ ଏବଂ ସେଥିରେ ସପ୍ଲିମେଣ୍ଟାରୀ କାର୍ଡମେମ୍ବର ସମ୍ମିଳିତ । (ଋ) 'ଚାର୍ଜ', 'ଭଲ୍ୟୁଣ୍ଟାରୀ ଚାର୍ଜେସ୍' ଓ 'ଇନ୍‌ଭଲ୍ୟୁଣ୍ଟାରୀ ଚାର୍ଜେସ୍' ଶବ୍ଦର ଅର୍ଥ ତଳ କ୍ଲଜ୍ 7 ରେ ବତାଯାଇଛି । (ଏ) 'ପର୍ସନ୍' କହିଲେ ବୁଝାଇବ ଯେକେହି ବ୍ୟକ୍ତି, କର୍ପୋରେଶନ୍, ଫାର୍ମ, କମ୍ପାନୀ, ଇନ୍‌ଷ୍ଟିଚ୍ୟୁଶନ୍, ବା ଅନ୍ୟ ନାଚୁରାଲ୍ ବା ଲିଗାଲ୍ ପର୍ସନ୍ । (ଐ) 'ଷ୍ଟେଟମେଣ୍ଟ' କହିଲେ ବୁଝାଇବ ଜଣେ ଏକାଉଣ୍ଟ ଧାରକଙ୍କ ପାଖକୁ ବ୍ୟାଙ୍କ ପଠାଇବା ମାସିକ ଏକାଉଣ୍ଟ ଷ୍ଟେଟମେଣ୍ଟ, ଯେଉଁଥିରେ ସେହି ଦିନାଙ୍କରେ କାର୍ଡ ଏକାଉଣ୍ଟ ସମ୍ପୃକ୍ତ ଏକାଉଣ୍ଟ ହୋଲ୍ଡର୍ କାର୍ଡମେମ୍ବର ଓ ସପ୍ଲିମେଣ୍ଟାରୀ କାର୍ଡମେମ୍ବରଙ୍କ ଆର୍ଥିକ ଦାୟ ବତାଯାଇଥାଏ । (ଓ) 'ଟ୍ରାଞ୍ଜାକ୍ସନ୍ ଇନ୍‌ଷ୍ଟ୍ରକ୍ସନ୍' କହିଲେ ବୁଝାଇବ ଗୋଟିଏ ଟ୍ରାଞ୍ଜାକ୍ସନ୍ କରାଇବା ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କାର୍ଡ ବ୍ୟବହାର କରୁଥିବା କାର୍ଡମେମ୍ବର ଦ୍ୱାରା ବ୍ୟାଙ୍କ କୁ ଦିଆଯିବା ନିର୍ଦ୍ଦେଶ । (ଔ) 'ସର୍ଭିସ୍ ଏଷ୍ଟାବ୍ଲିଶ୍‌ମେଣ୍ଟ୍ସ' କହିଲେ ବୁଝାଇବ କାର୍ଡ କୁ ଅନର୍ କରୁଥିବା ଯେକୌଣସି ସ୍ଥାନର ଏଷ୍ଟାବ୍ଲିଶ୍‌ମେଣ୍ଟସବୁ, ଯେଉଁଥିରେ ଏଗୁଡ଼ିକ ମଧ୍ୟ ଥାଆନ୍ତି : ଷ୍ଟୋର୍, ଦୋକାନ, ରେସ୍ତୋରାଁ, ହୋଟେଲ, ଏଆର୍‌ଲାଇନ୍ ଅର୍ଗାନାଇଜେଶନ୍, ଏଟିଏମ୍ ସମେତ କ୍ୟାଶ୍ ଆଡ୍‌ଭାନ୍ସ ପଏଣ୍ଟସବୁ ଓ ମେଲ୍ ଅର୍ଡର୍ ଆଉଟ୍‌ଲେଟ୍ସ (ସେଗୁଡ଼ିକ ରିଟେଲର୍, ଡିଷ୍ଟ୍ରିବ୍ୟୁଟର୍ ବା ମାନୁଫାକ୍ଚରର୍ ହୋଇପାରନ୍ତି) ସମେତ ମେଲ୍ ଅର୍ଡର୍ ଆଡ୍‌ଭର୍ଟାଇଜର୍‌ଗଣ, ବ୍ୟାଙ୍କ, ଭିସା ଓ ମାଷ୍ଟରକାର୍ଡ ଇଣ୍ଟର୍‌ନେଶନଲ୍ ବା ମର୍ଚ୍ଚାଣ୍ଟ ଦ୍ୱାରା ବିଜ୍ଞାପିତ ହୋଇଥାଏ । (କ) 'ଓଭର୍‌ସୀଜ୍ ଟ୍ରାଞ୍ଜାକ୍ସନ୍ସ' କହିଲେ ବୁଝାଇବ ଏଠାରେ ଉଲ୍ଲିଖିତ ସର୍ତ୍ତ ଓ ନିୟମାବଳୀ ଅନୁସାରେ ଭାରତ / ନେପାଳ / ଭୁଟାନ ବାହାରେ କାର୍ଡ ବ୍ୟବହାର ଯୋଗୁଁ ହେବା ବାଲାନ୍ସ ସେଗ୍ରିଗେଟ୍ କରିବା ଉଦ୍ଦେଶ୍ୟରେ ବ୍ୟାଙ୍କ ଦ୍ୱାରା ଖୋଲାଯାଇଥିବା ଓ ମେଣ୍ଟେନ୍ କରାଯାଉଥିବା ଏକାଉଣ୍ଟ । (ଖ) 'ମର୍ଚ୍ଚାଣ୍ଟ' କହିଲେ ବୁଝାଇବ ଏଭଳି ବ୍ୟକ୍ତି, ଯିଏ କୌଣସି ସର୍ଭିସ୍ ଏଷ୍ଟାବ୍ଲିଶ୍‌ମେଣ୍ଟ'ର ମାଲିକ, ପ୍ରବନ୍ଧକ ବା ପରିଚାଳକ ହୋଇଥିବେ ।

2. **ସର୍ତ୍ତ ଓ ନିୟମାବଳୀର ପ୍ରଯୋଜ୍ୟତା :** କାର୍ଡ ବା କାର୍ଡ ଏକାଉଣ୍ଟ ସମ୍ବନ୍ଧରେ କୌଣସି ବ୍ୟକ୍ତିଙ୍କୁ ବ୍ୟାଙ୍କ ଦ୍ୱାରା ଉପଲବ୍ଧ କରାଯିବା ସମସ୍ତ ସୁବିଧା ସକାଶେ ଏସବୁ ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ, ଯାହା ଉକ୍ତ ସମୟରେ ପ୍ରଚଳିତ ଥିବ, ଏବଂ ଯାହାକୁ ସ୍ୱୀକାର କରିବାର ନିର୍ଦ୍ଦିଷ୍ଟ ପ୍ରମାଣ ରୂପେ ଏସ୍‌ସିବି ଦ୍ୱାରା ଜାରି କରାଯାଇଥିବା ଭିସା (ଗୋଲ୍ଡ ଷ୍ଟାଣ୍ଡାର୍ଡ ବା ଏକ୍ଜିକ୍ୟୁଟିଭ ବା କ୍ଲାସିକ୍ ବା ପ୍ଲାଟିନମ୍ ବା ଦ କ୍ରିକେଟ କାର୍ଡ), ମାଷ୍ଟର କାର୍ଡ (ଗୋଲ୍ଡ ଷ୍ଟାଣ୍ଡାର୍ଡ ବା ଏକ୍ଜିକ୍ୟୁଟିଭ ବା କ୍ଲାସିକ୍ ବା ସପ୍ନେ ବା ଟିଟାନିଅମ୍) କିମ୍ବା ଅନ୍ୟ ଯେକୌଣସି କାର୍ଡ ସକାଶେ ଆବେଦନ ପତ୍ରରେ ଆବେଦକ ସ୍ୱାକ୍ଷର କରିଥିବେ, ଓ/ବା କାର୍ଡ ଉପରେ ସ୍ୱାକ୍ଷର କରିଥିବେ ବା କାର୍ଡ ବ୍ୟବହାର କରୁଥିବେ ।

3. **କାର୍ଡ :** (ଅ) କାର୍ଡ ହେଉଛି ବ୍ୟାଙ୍କ'ର ପରିସମ୍ପତ୍ତି ଏବଂ ଏହାର ପରିସମାପ୍ତି (ଡିଷ୍ଟ୍ରକ୍ସନ୍ ?) ପରେ ଦାବି କରାଗଲେ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ରେ ବ୍ୟାଙ୍କ'ର ନିର୍ଦ୍ଧାରିତ ଅଧିକାରୀଙ୍କ ପାଖରେ ସମର୍ପଣ କରିବା ଜରୁରୀ । (ଆ) କାର୍ଡ ଦ୍ୱାରା ଜିନିଷପତ୍ର ବା ସର୍ଭିସ୍ କିଣିବାର ସୁବିଧା, ବ୍ୟାଙ୍କ ଦ୍ୱାରା ପ୍ରତ୍ୟେକ କାର୍ଡ ଏକାଉଣ୍ଟ କୁ ଦିଆଯାଇଥିବା ବ୍ୟକ୍ତିଗତ କ୍ରେଡିଟ୍ ଲିମିଟ୍ ପର୍ଯ୍ୟନ୍ତ ସୀମିତ ରହିବ । କାର୍ଡମେମ୍ବର କ୍ରେଡିଟ୍ ଲିମିଟ୍ ଟପିବା ଅନୁଚିତ, ଆଉ ଯଦି କ୍ରେଡିଟ୍ ଲିମିଟ୍ ଟପିଗଲେ, କାର୍ଡମେମ୍ବର ତୁରନ୍ତ କାର୍ଡ ଏକାଉଣ୍ଟ'ର ଲିମିଟ୍-ପର ଡେବିଟ୍ ବାଲାନ୍ସ କୁ କମ କରି କ୍ରେଡିଟ୍ ଲିମିଟ୍ ତଳକୁ ଆଣିବେ । ବ୍ୟାଙ୍କ ଆଡ୍-ଅନ୍ କାର୍ଡ ଜାରି କରିବା ସ୍ଥିତିରେ, ଏଭଳି ଜାରି କରାଯାଇଥିବା ସମସ୍ତ କାର୍ଡ'ର ଉପଯୋଗ କାର୍ଡ / ଏକାଉଣ୍ଟ ପାଇଁ ଧାର୍ଯ୍ୟ କ୍ରେଡିଟ୍ ଲିମିଟ୍ ପର୍ଯ୍ୟନ୍ତ ସୀମିତ ରହିବା ଦରକାର । (ଇ) (1) କାର୍ଡମେମ୍ବର ସବୁବେଳେ କାର୍ଡକୁ ନିରାପଦ ସ୍ଥାନରେ ସାଇତି ରଖିବେ । (2) କାର୍ଡମେମ୍ବର କସ୍ମିନ୍‌କାଳେ ଅନ୍ୟ କାହା ଦ୍ୱାରା କାର୍ଡ ବ୍ୟବହାର ହେବାକୁ ଦେବେ ନାହିଁ । (3) ପାଇବା ମାତ୍ରେ କାର୍ଡମେମ୍ବର କାର୍ଡରେ ସ୍ୱାକ୍ଷର କରିବେ । (ଈ) କାର୍ଡ'ର ଜାରିକରଣ ଓ ଉପଯୋଗ ସମ୍ପର୍କରେ ଆର୍‌ବିଆଇ'ର ପ୍ରଚଳିତ ନିୟମାବଳୀ ଲାଗୁ ହେବ । (ଉ) କାର୍ଡ ହଜିଗଲେ / ଚୋରି ହେଲେ / କ୍ଷତିଗ୍ରସ୍ତ ହେଲେ, ବ୍ୟାଙ୍କ'ର ବିବେଚନା ଉପରେ ନିର୍ଭର କରି ବଦଳି କାର୍ଡ ଦିଆଯାଇ ପାରେ । (ଊ) ନିଜସ୍ୱ ବିବେଚନା ଉପରେ ନିର୍ଭର କରି ବ୍ୟାଙ୍କ କାର୍ଡ ନବୀକରଣ ନ କରିବାର ଅଧିକାର ରଖୁଛି । ଏଭଳି ନବୀକରଣ ମନା କରାଯିବା ସ୍ଥିତିରେ, କାର୍ଡମେମ୍ବର ଉଁ-ଚୁଁ ନକରି ଅବିଳମ୍ବେ ବ୍ୟାଙ୍କ କୁ ଦେବାକୁ ଥିବା ବାକି ରାଶି ପଇଠ କରିବେ । (ଋ) କାର୍ଡମେମ୍ବର କୌଣସି କାରଣରୁ କାର୍ଡ ବ୍ୟବହାର ବନ୍ଦ କରିବାକୁ ଚାହିଁଲେ, କାର୍ଡ ଅସିଦ୍ଧ କରିବା ସକାଶେ ସିଏ ଦାୟୀ ହୋଇ ବ୍ୟାଙ୍କ କୁ ଖବର ଦେଇ କାର୍ଡ ନଷ୍ଟ କରିଦେବେ । କାର୍ଡ ନଷ୍ଟ କରିଦେଇଛନ୍ତି ବୋଲି କାର୍ଡମେମ୍ବର ଦାବି କରିବା

କାର୍ଡମେମ୍ବରଙ୍କ ସର୍ତ୍ତ ଓ ନିୟମାବଳୀ :

ପରେ ଯଦି କାର୍ଡ ଉପରେ ଚାର୍ଜ ଆସିଲା, ତେବେ କାର୍ଡ ଉପରେ ଆସିଥିବା ଚାର୍ଜ ପାଇଁ ସିଏ ପୂର୍ଣ୍ଣତଃ ଦାୟୀ ହେବେ, ତେଣିକି ତାହା ଅପବ୍ୟବହାର ଯୋଗୁଁ ହୋଇଥାଉ ବା ହୋଇନଥାଉ ଏବଂ କାର୍ଡ ନଷ୍ଟ କରାଯାଇଥିବା ସମ୍ବନ୍ଧରେ ବ୍ୟାଙ୍କ କୁ ଖବର ଦିଆଯାଇଥାଉ ବା ଦିଆଯାଇନଥାଉ ।

4. କେହି କାର୍ଡମେମ୍ବର ସ୍ଥାୟୀ ନିଯୁକ୍ତିରେ ବିଦେଶକୁ ଚାଲିଯାଉଥିଲେ ବା ଜଣେ ଅ-ନିବାସୀ ଭାରତୀୟ (ଏନ୍‌ଆର୍‌ଆଇ) ମାନେ, ଗୋଟିଏ କ୍ୟାଲେଣ୍ଡର ବର୍ଷରେ 183 ଦିନ ବିଦେଶରେ ବାସ କରିବାର ସମ୍ଭାବନା ଥିଲେ, ବ୍ୟାଙ୍କ କୁ ପଚାରି ସମସ୍ତ ବିଲ୍ ହୋଇଥିବା ଓ ବିଲ୍ ହୋଇନଥିବା କାର୍ଡ ଦେୟ ରାଶି ପଇଠ କରିବେ, ସ୍ଥାୟୀ ନିଯୁକ୍ତି ପାଇଁ ବା ଜଣେ ଏନ୍‌ଆର୍‌ଆଇ ହେବା ପାଇଁ ବିଦେଶ ଗମନ କରିବା ପୂର୍ବରୁ ।

5. **ଅ-ନିବାସୀ ଭାରତୀୟଙ୍କ ପାଇଁ କାର୍ଡ :** (1) ଅ-ନିବାସୀ ଭାରତୀୟଙ୍କ ପାଇଁ ବ୍ୟାଙ୍କ ମାଷ୍ଟରକାର୍ଡ ବା ଭିସା ବା ଅନ୍ୟ କିଛି କାର୍ଡ ଜାରି କରିପାରେ । ଏଭଳି କାର୍ଡ ପାଇଁ ଏଠାରେ ଉଲ୍ଲିଖିତ ସମସ୍ତ ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ । (2) ବିଦେଶୀ ନାଗରିକଙ୍କୁ କାର୍ଡ : ବିଦେଶୀ ନାଗରିକ କାର୍ଡମେମ୍ବର ହୋଇଥିଲେ, ଆର୍‌ବିଆଇ ଦ୍ୱାରା ଧାର୍ଯ୍ୟ ଓ ସମୟ ସମୟରେ ସୂଚିତ ସୀମା ଭିତରେ କ୍ୟାଶ୍ ଆଡ୍‌ଭାନ୍ସ ପାଇପାରିବେ । ଆବେଦକ / କାର୍ଡମେମ୍ବର ବିଦେଶୀ ନାଗରିକ ହୋଇଥିବେ ଆଉ ଭାରତରେ ରହୁଥିବେ, ଏତଦ୍ୱାରା ସିଏ ସ୍ୱୀକାର କରୁଛନ୍ତି ଯେ ସ୍ଥାୟୀ ରୂପେ ଦେଶ ଛାଡ଼ିବା ପୂର୍ବରୁ ସିଏ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର କୁ ଖବର ଦେବେ ଏବଂ ବ୍ୟାଙ୍କ କୁ ପଚାରି ସମସ୍ତ ବିଲ୍ ହୋଇଥିବା ଓ ବିଲ୍ ହୋଇନଥିବା କାର୍ଡ ଦେୟ ରାଶି ତାଙ୍କ ନିଜ ଏକାଉଣ୍ଟ ରୁ ଭରିବେ, ଦେଶ ଛାଡ଼ିବା ପୂର୍ବରୁ । ଆବେଦକ / କାର୍ଡମେମ୍ବର କାର୍ଡକୁ ନଷ୍ଟ କରିଦେଇ ତାକୁ ଅସିଦ୍ଧ କରିବେ ଓ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର କୁ ସେ ସମ୍ବନ୍ଧରେ ବତାଇବେ ।

6. **କାର୍ଡ'ର ବ୍ୟବହାର :** (ଅ) କାର୍ଡ ବ୍ୟବହାର କରାଯିବ : (1) ବ୍ୟାଙ୍କ ଦ୍ୱାରା କାର୍ଡଧାରକଙ୍କ ପାଇଁ ଧାର୍ଯ୍ୟ କ୍ରେଡିଟ୍ ଲିମିଟ୍ ଭିତରେ, (2) ତା'ର ମୁଖରେ ଉଲ୍ଲିଖିତ ମାସର ଅନ୍ତିମ ଦିନାଙ୍କ ପରେ ନୁହେଁ, (3) ଆର୍‌ବିଆଇ ଦ୍ୱାରା ସମୟ ସମୟରେ ଧାର୍ଯ୍ୟ କରାଯିବା ଫରେନ୍ ଏକ୍ସଚେଞ୍ଜ ଏନ୍‌ଟାଇଟଲ୍‌ମେଣ୍ଟ ଭିତରେ, (4) ନିବାସୀମାନଙ୍କ ଦ୍ୱାରା ବ୍ୟକ୍ତିଗତ ରେମିଟାନ୍ସ ପାଇଁ ଯାହା ଏକ୍ସଚାଣ୍ଟ ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ, ଅନ୍ତର୍ଗତ ଅନୁମତ, ସର୍ତ୍ତ ଓ ନିୟମାବଳୀ ପ୍ରଯୋଜ୍ୟ ସୀମା ଉପରେ ନିର୍ଭର କରିବ, ଯଦି କିଛି ଥାଏ, ଏବଂ ସେହି ଉଦ୍ଦେଶ୍ୟରେ ଧାର୍ଯ୍ୟ ସର୍ତ୍ତ ଓ ଡକୁମେଣ୍ଟେଶନ୍ ଅନୁରୂପ ପାଳିତ ହେବ, (5) ବିଦେଶକୁ ଯାଉଥିବା ନିବାସୀଙ୍କ ଦ୍ୱାରା ବ୍ୟକ୍ତିଗତ ବ୍ୟବହାର ପାଇଁ କିଣିବା ପଦାର୍ଥ ସମେତ ସମସ୍ତ ବୋନାଫାଇଡ୍ ବ୍ୟକ୍ତିଗତ ଖର୍ଚ୍ଚ, କିନ୍ତୁ ବିଦେଶ ଗମନ ବେଳେ କଢ଼ାଯିବା ମୋଟ ବୈଦେଶିକ ମୁଦ୍ରା ଏନ୍‌ଟାଇଟଲ୍‌ମେଣ୍ଟ ଅପେକ୍ଷା ଅଧିକ ହେବ ନାହିଁ । ବିଦେଶରେ କିଣାଯାଇଥିବା ବସ୍ତୁଙ୍କ ଇମ୍ପୋର୍ଟ ଉପରେ ପ୍ରଚଳିତ ବ୍ୟାଗେଜ୍ ରୁଲ୍ / ଏକ୍ଜିମ୍ ପଲିସୀ ଲାଗୁ ହେବ । କାର୍ଡମେମ୍ବର ଚାହିଁଲେ, କାର୍ଡ ଜରିଆରେ ଅଧିକୃତ ଡୀଲର୍ / ଫୁଲ୍ ଫ୍ଲେଜ୍‌ଡ ମନୀ ଚେଞ୍ଜର୍ ଙ୍କ ଠାରୁ କରେନ୍ସୀ ନୋଟ୍ / ଟ୍ରାଭଲର୍ସ ଚେକ୍ ରୂପେ ଏନ୍‌ଟାଇଟଲ୍‌ମେଣ୍ଟ ଫରେନ୍ ଏକ୍ସଚେଞ୍ଜ କାଢିପାରିବେ । ଏନ୍‌ଟାଇଟଲ୍‌ମେଣ୍ଟ'ର ଏଭଳି ଫରେନ୍ କରେନ୍ସୀ ନୋଟ୍ / ଟ୍ରାଭଲର୍ସ ଚେକ୍ ବିକ୍ରୀ ଏକ୍ସଚାଣ୍ଟ ରେଗୁଲେଶନ୍ସ ଦ୍ୱାରା ପରିଚାଳିତ ହେବ ଏବଂ ପ୍ରଯୋଜ୍ୟ ସୀଲିଙ୍ଗ ଉପରେ ନିର୍ଭର କରିବ । କରେନ୍ସୀ ନୋଟ୍ / ଟ୍ରାଭଲର୍ସ ଚେକ୍ ରୂପେ ବିକାଯିବା ବୈଦେଶିକ ମୁଦ୍ରା ପାସପୋର୍ଟରେ ଉଲ୍ଲେଖ କରାଯିବ । (6) ଫରେନ୍ ମ୍ୟାଗାଜିନ୍ / ପିରିଅଡିକଲ୍ସ ସବ୍‌ସ୍କ୍ରାଇବ୍ କରିବା ପାଇଁ ମଧ୍ୟ କାର୍ଡ ବ୍ୟବହାର କରାଯାଇ ପାରିବ । (ଆ) ଏକ୍ସଚାଣ୍ଟ ରେଗୁଲେଶନ୍ସ ଅନ୍ତର୍ଗତ ବୈଦେଶିକ ମୁଦ୍ରା ରିଲୀଜ୍ କରିବା ଅନୁମତ ନଥିବା କାର୍ଯ୍ୟ ପାଇଁ ଇଣ୍ଟର୍‌ନେଟ୍ ବା ଅନ୍ୟତ୍ର କାର୍ଡ ବ୍ୟବହାର କରାଯାଇ ପାରିବ ନାହିଁ, ଯେପରିକି ଏସବୁ ସବ୍‌ସ୍କ୍ରାଇବ୍ କରିବା ପାଇଁ : (କ) ପ୍ରେସ୍‌କ୍ରାଇବ୍ / ବ୍ୟାନ୍‌ଡ ସୂଚୀରେ ଥିବା ମ୍ୟାଗାଜିନ୍ (ଖ) ଫୁଟବଲ ପୁଲ୍ସ, ସ୍ୱୀପ୍‌ଷ୍ଟେକ୍ସ ବା ଲଟେରୀ, କଲ୍-ବ୍ୟାକ୍ ସର୍ଭିସେସ୍ ଇତ୍ୟାଦି ପାଇଁ ପେମେଣ୍ଟ (ଇ) କାର୍ଡ ବ୍ୟବହାର କରିବାର କାର୍ଡଧାରକଙ୍କ ଅଧିକାର ସାଙ୍ଗେ ସାଙ୍ଗେ ଏସବୁ ନିଶ୍ଚିତ କରିବ : (1) ତଳଲିଖିତ କ୍ଲଜ୍ 17 ଅନୁଯାୟୀ ଟର୍ମିନେଶନ୍ ହେବା ସ୍ଥିତିରେ, ବା (2) କାର୍ଡ ହଜିବା ବା ଚୋରି ହେବା ସ୍ଥିତିରେ । (ଈ) ଏକାଉଣ୍ଟ ଧାରକ ସମ୍ମତି ଦେଉଛନ୍ତି ଯେ ତାଙ୍କ ଷ୍ଟାଣ୍ଡିଙ୍ଗ ରିକ୍ୱେଷ୍ଟ ମୁତାବକ ପ୍ରତ୍ୟେକ କାର୍ଡମେମ୍ବରଙ୍କୁ ରିନ୍ୟୁଆଲ୍ ଓ/ବା ରିପ୍ଲେସ୍‌ମେଣ୍ଟ କାର୍ଡ ଜାରି କରାଯିବ, ଯେପର୍ଯ୍ୟନ୍ତ ଏକାଉଣ୍ଟଧାରକ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟରକୁ ଅନ୍ୟଥା ସୂଚିତ କରିନାହାନ୍ତି, ଏବଂ ଏହା ବ୍ୟାଙ୍କ'ର ବିବେଚନା ଉପରେ ନିର୍ଭର କରିବ । (ଉ) କାର୍ଡ ଓ ବ୍ୟାଙ୍କ ସହିତ ବ୍ୟବହାର ସମ୍ପର୍କରେ ଭଲ ବିଶ୍ୱାସରେ ସବୁବେଳେ କାର୍ଯ୍ୟ କରିବେ ବୋଲି କାର୍ଡମେମ୍ବର ସମ୍ମତ । (ଊ) ଆର୍‌ବିଆଇ ମାର୍ଗଦର୍ଶିକା ଅନୁସାରେ, ନେପାଳ ଓ ଭୁଟାନ ରେ ବୈଦେଶିକ ମୁଦ୍ରା ପେମେଣ୍ଟ କରିବା ପାଇଁ ବୈଧ ନୁହେଁ, ହେଲେ ନେପାଳ ଓ ଭୁଟାନ ରେ ଭାରତୀୟ ଟଙ୍କା ବା ସ୍ଥାନୀୟ ମୁଦ୍ରାରେ ପେମେଣ୍ଟ କରିବା ଅନୁମତ । ଏସବୁ ସର୍ତ୍ତ ଓ ନିୟମାବଳୀର ଉଲ୍ଲଙ୍ଘନ କରି ଭୁଲ ବ୍ୟବହାର ପାଇଁ ଆବେଦକ ପୂରା ଦାୟିତ୍ୱ ନେଉଛନ୍ତି ଏବଂ ସମ୍ମତି ଦେଉଛନ୍ତି ଯେ ଆବେଦକ ଏଠାରେ ଉଲ୍ଲିଖିତ ସର୍ତ୍ତ ଓ ନିୟମାବଳୀର ଉଲ୍ଲଙ୍ଘନ କଲେ ବ୍ୟାଙ୍କକୁ ହେବା ଯେକୌଣସି ଲସ୍, ଡ୍ୟାମେଜ୍, ଇଣ୍ଟରେଷ୍ଟ, କନ୍‌ଭର୍ସନ୍, ବା ଅନ୍ୟକିଛି ଫାଇନାନ୍ସିଅଲ୍ ଚାର୍ଜ ଭରିବେ ବୋଲି ସିଏ ବ୍ୟାଙ୍କକୁ ଇଣ୍ଡେମ୍‌ନିଫାଇ କରିବେ । (ଋ) କାର୍ଡମେମ୍ବର ନଗଦ କାଢ଼ିବା ପାଇଁ ଭାରତରେ ବ୍ୟାଙ୍କ'ର ଶାଖାଗୁଡ଼ିକରେ ଥିବା ଅଟୋମେଟେଡ୍ ଟେଲର୍ ମେସିନ୍ (ଏଟିଏମ୍) / କ୍ୟାଶ୍ ଡିସ୍‌ପେନ୍ସର୍ସ ରେ, ଭାରତରେ ମାଷ୍ଟରକାର୍ଡ / ଭିସା ଡୋମେଷ୍ଟିକ୍ ଏଟିଏମ୍ ନେଟ୍‌ୱର୍କରେ ଭାଗ ନେଉଥିବା ଅନ୍ୟାନ୍ୟ ବ୍ୟାଙ୍କ ରେ, ଏବଂ ବିଦେଶରେ ମାଷ୍ଟରକାର୍ଡ / ସିଆଇଆର୍‌ଆର୍‌ୟୁଏସ୍ ବା ଭିସା / ପିଏଲ୍‌ୟୁଏସ୍ ଲୋଗୋ ଧାରକ ସମସ୍ତ ଏଟିଏମ୍ ରେ କାର୍ଡ ବ୍ୟବହାର କରିପାରିବେ । ଏଟିଏମ୍ / ବ୍ରାଞ୍ଚରେ କରାଯିବା ସମସ୍ତ ଟ୍ରାଞ୍ଜାକ୍ସନ୍'ର ରେକର୍ଡ ନିଜ ପାଖରେ ରଖିବାକୁ କାର୍ଡମେମ୍ବରଙ୍କୁ ପରାମର୍ଶ ଦିଆଯାଇଛି । ବ୍ୟାଙ୍କ'ର ବିବେଚନା ଉପରେ ନିର୍ଭର କରି ଟ୍ରାଞ୍ଜାକ୍ସନ୍ ଚାର୍ଜ ଲାଗୁ କରାଯିବ । (ଏ) କାର୍ଡ ନନ୍-ଫୋଟୋକାର୍ଡ ହୋଇଥିଲେ, କାଉଣ୍ଟର୍‌ରେ କରାଯିବା କ୍ୟାଶ୍ ଆଡ୍‌ଭାନ୍ସ, ଯଦି ଏହି ସୁବିଧା ବ୍ୟାଙ୍କ ଦ୍ୱାରା ଦିଆଯାଉଥାଏ, ତେବେ ବ୍ୟାଙ୍କ ଗ୍ରହଣ କରୁଥିବା ଫୋଟୋ ଆଇଡେଣ୍ଟିଟୀ ଉପସ୍ଥିତ କଲେ ହିଁ ନଗଦ ଦିଆଯିବ । (ଐ) କାର୍ଡ'ର ଅଥରାଇଜେଶନ୍ ଅନୁରୋଧ ଅସ୍ୱୀକାର ବା ସ୍ୱୀକାର କରିବାର ସମ୍ପୂର୍ଣ୍ଣ ଅଧିକାର ଓ ସ୍ୱାଧୀନତା ବ୍ୟାଙ୍କ'ର ଅଛି ।

କାର୍ଡମେମ୍ବରଙ୍କ ସର୍ତ୍ତ ଓ ନିୟମାବଳୀ :

କୌଣସି ଟ୍ରାଞ୍ଜାକ୍ସନ୍ ଅନୁମୋଦନ କରିବାର, ନାକଚ କରିବାର ବା ରେଫର୍ କରିବାର ନିର୍ଣ୍ଣୟ ବିଭିନ୍ନ ପୂର୍ବ ନିର୍ଦ୍ଧାରିତ ସିକ୍ୟୋରିଟୀ ପାରାମିଟର୍ ଆଧାରରେ ବ୍ୟାଙ୍କ ନେଇଥାଏ । ଗ୍ରାହକଙ୍କ କ୍ଲୀନ୍ ରେକର୍ଡ / ହିଷ୍ଟ୍ରୀ ସତ୍ତ୍ୱେ ଟ୍ରାଞ୍ଜାକ୍ସନ୍'ର ପ୍ରାମାଣିକତା ବ୍ୟାଙ୍କ ଦ୍ୱାରା ଜାଞ୍ଚ କରାଯିବା ଆବଶ୍ୟକ ହେବା ସ୍ଥିତିରେ ଟ୍ରାଞ୍ଜାକ୍ସନ୍ ବ୍ୟାଙ୍କକୁ 'ରେଫର୍' କରାଯିବ । ଏଭଳି ସ୍ଥିତିରେ, କାର୍ଡ ପଛପଟେ ଉଲ୍ଲିଖିତ କଷ୍ଟମର୍ ସର୍ଭିସ୍ ନମ୍ବରରେ ଆମକୁ ମର୍ଚ୍ଚାଣ୍ଟ ସମ୍ପର୍କ କରିବାକୁ ଆମେ ଦାବି କରୁ, ଯେପରି ଆମେ ପରିଚୟ ଜାଞ୍ଚ କରିପାରିବୁ ଏବଂ ଟ୍ରାଞ୍ଜାକ୍ସନ୍ ପ୍ରୋସେସ୍ କରିପାରିବୁ । ଏହା ଗ୍ରାହକଙ୍କ ହିତରେ କରାଯାଇଥାଏ, ଯେପରି କାର୍ଡ'ର ପ୍ରତାରଣାପୂର୍ଣ୍ଣ ଉପଯୋଗ ହେବ ନାହିଁ । (ଓ) କୌଣସି କାରଣ ନଦର୍ଶାଇ କ୍ରେଡିଟ୍ ଲିମିଟ୍ ହ୍ରାସ କରିବାର ପୂର୍ଣ୍ଣ ଅଧିକାର ଓ ସ୍ୱାଧୀନତା ବ୍ୟାଙ୍କ ରଖୁଛି । କ୍ୟାଶ୍ ଆଡ୍‌ଭାନ୍ସ ଲିମିଟ୍, କ୍ରେଡିଟ୍ ଲିମିଟ୍'ର କୌଣସି ଧାର୍ଯ୍ୟ ଶତାଂଶ ନୁହେଁ, ଏହାକୁ ପ୍ରତି ମାସରେ ମୂଲ୍ୟାଙ୍କିତ ଓ ପୁନଃଧାର୍ଯ୍ୟ କରାଯାଇଥାଏ ।

7. **ଚାର୍ଜସବୁ :** (ଅ) ଚାର୍ଜ ଅନ୍ତର୍ଗତ ଏସବୁ ଥାଏ : (1) ଭଲ୍ୟୁଣ୍ଟାରୀ ଚାର୍ଜସବୁ, ଯଥା : (କ) ଗୋଟିଏ ଟ୍ରାଞ୍ଜାକ୍ସନ୍ ନିର୍ଦ୍ଦେଶ ଅନୁସାରେ କିଣାଯିବା ପଦାର୍ଥ ଓ/ବା କରାଯାଇଥିବା ସର୍ଭିସ୍'ର ରାଶି, (ଖ) କୌଣସି ଟ୍ରାଞ୍ଜାକ୍ସନ୍ ନିର୍ଦ୍ଦେଶ ଅନୁସାରେ ଦିଆଯାଇଥିବା କ୍ୟାଶ୍ ଆଡ୍‌ଭାନ୍ସ ରାଶି, (ଗ) କାର୍ଡ ଏକାଉଣ୍ଟ କୁ ଡେବିଟ୍ କରିବା ପାଇଁ ବ୍ୟାଙ୍କ କୁ ଅନୁରୋଧ କରାଯାଇଥିବା ରାଶି ଏବଂ ଏଭଳି ଅନୁରୋଧକ୍ରମେ ବ୍ୟାଙ୍କ ଡେବିଟ୍ କରିବା ରାଶି, ଏବଂ (ଘ) ଗୋଟିଏ ଟ୍ରାଞ୍ଜାକ୍ସନ୍ ନିର୍ଦ୍ଦେଶ ଅନୁସାରେ କାର୍ଡ ଏକାଉଣ୍ଟ କୁ ଚାର୍ଜ କରାଯିବାଯୋଗ୍ୟ ରାଶି । (2) ଇନ୍‌ଭଲ୍ୟୁଣ୍ଟାରୀ ଚାର୍ଜସବୁ, ଯଥା : (କ) କାର୍ଡ ଏକାଉଣ୍ଟ ବା କାର୍ଡ ସମ୍ବନ୍ଧରେ ବ୍ୟଙ୍କ ଦ୍ୱାରା ଚାର୍ଜ କରାଯିବା ଫୀ, ଯେଉଁଥିରେ ଏଣ୍ଟ୍ରାନ୍ସ, ଆନୁଅଲ୍ ରିପ୍ଲେସ୍‌ମେଣ୍ଟ, ରିନ୍ୟୁଅଲ୍, ହ୍ୟାଣ୍ଡଲିଙ୍ଗ, ଲେଟ୍ ପେମେଣ୍ଟ ଅନ୍ତର୍ଭୁକ୍ତ । (ଖ) ଯେକୌଣସି ଚାର୍ଜ ଉପରେ ବ୍ୟାଙ୍କ'ର ଫାଇନାନ୍ସ ଚାର୍ଜେସ୍ ଓ (ଗ) ନିର୍ଦ୍ଦିଷ୍ଟ ପ୍ରକାରର ଟ୍ରାଞ୍ଜାକ୍ସନ୍ ଉପରେ କମିଶନ । (ଆ) ଇନ୍‌ଭଲ୍ୟୁଣ୍ଟାରୀ ଚାର୍ଜେସ୍ ହିସାବ କରିବାର ବିଧି ବ୍ୟାଙ୍କ ଷ୍ଟେଟମେଣ୍ଟ ରେ ବା ତା' ପଛପଟରେ ସୂଚିତ କରାଯାଇଥିବ, ବା ତଳଲିଖିତ କ୍ଲଜ୍ 18 ଅନୁସାରେ ହେବ । (ଇ) ଚାର୍ଜ କରାଯାଇଥିବା ଯେକୌଣସି ରାଶିର ବ୍ୟାଙ୍କ ରେକର୍ଡ, ମାନିଫେଷ୍ଟ ଏରର୍ ନଥିବା ସ୍ଥିତିରେ, ଆବେଦକଙ୍କ ପାଇଁ ଚୂଡ଼ାନ୍ତ ଓ ବନ୍ଧନକାରକ ହେବ ଏବଂ ଭଲ୍ୟୁଣ୍ଟାରୀ ଚାର୍ଜ ଅନୁଯାୟୀ ବ୍ୟାଙ୍କ କୌଣସି ପେମେଣ୍ଟ କରିଥିଲେ ତାହା ଅନ୍ତିମ ହେବ । (ଈ) ବୈଦେଶିକ ମୁଦ୍ରାରେ ଚାର୍ଜ : ଏଭଳି ସମସ୍ତ ଚାର୍ଜ କାର୍ଡଧାରକଙ୍କ ବିଲିଙ୍ଗ ଷ୍ଟେଟ୍‌ମେଣ୍ଟ ରେ ଭାରତୀୟ ଟଙ୍କାରେ ବିଲ୍ କରାଯିବ । ଏତଦ୍ୱାରା ପ୍ରତ୍ୟେକ କାର୍ଡଧାରକ ବ୍ୟାଙ୍କ କୁ ଅଧିକୃତ କରୁଛନ୍ତି ଯେ ବୈଦେଶିକ ମୁଦ୍ରାରେ ହୋଇଥିବା ଚାର୍ଜ କୁ ସେହି ସମୟରେ ପ୍ରଚଳିତ ଥିବା ବ୍ୟାଙ୍କ ଦରରେ ଭାରତୀୟ ଟଙ୍କାରେ ପରିବର୍ତ୍ତନ କରିବ । (ଉ) ବ୍ୟାଙ୍କ ଦ୍ୱାରା କରାଯାଇଥିବା କୌଣସି ଚାର୍ଜ'ର ପେମେଣ୍ଟ କାର୍ଡମେମ୍ବରଙ୍କ ପୂରା ରିକୋର୍ସ ରେ ହେବ, ଏବଂ ଏଭଳି ଚାର୍ଜ କରାଯିବା ବା ବ୍ୟାଙ୍କ ଦ୍ୱାରା ତା'ର ପେମେଣ୍ଟ କରାଯିବା ସମ୍ପର୍କରେ କୌଣସି ଦାୟ ଠାରୁ କାର୍ଡମେମ୍ବରଙ୍କୁ ମୁକ୍ତ କରିବା ଭଳି ବିଚାର କରାଯିବ ନାହିଁ ଏବଂ ସମ୍ପୃକ୍ତ କାର୍ଡମେମ୍ବର ଦ୍ୱାରା, ଏଭଳି ପେମେଣ୍ଟ'ର ସମସ୍ତ ଫଳାଫଳ ବିରୁଦ୍ଧରେ ବ୍ୟାଙ୍କ ପୂରା ଇଣ୍ଡେମ୍‌ନିଫାଇଡ୍ ହେବ ଓ ହାର୍ମଲେସ୍ ମଣାଯିବ । (ଊ) ଏଆର୍‌ଲାଇନ୍ସ ଓ ରେଲ୍‌ୱେଜ୍ ସହିତ ଟ୍ରାଞ୍ଜାକ୍ସନ୍ : କାର୍ଡ ଦ୍ୱାରା ଟିକେଟ ବୁକ୍ କରାଗଲେ, କାର୍ଡ ଏକାଉଣ୍ଟ'ର ମାସିକ ଷ୍ଟେଟମେଣ୍ଟ ରେ କାର୍ଡମେମ୍ବରଙ୍କୁ ବିଲ୍ କରାଯିବ । ଟିକେଟ'ର କ୍ରୟ ଓ ରିଫଣ୍ଡ ଦୁଇଟି ଅଲଗା ଟ୍ରାଞ୍ଜାକ୍ସନ୍ ହୋଇଥିବାରୁ, ବିଲିଙ୍ଗ ହିସାବରେ କାର୍ଡମେମ୍ବରଙ୍କୁ ଟିକେଟ କିଣିବା ପାଇଁ ଟଙ୍କା ଭରିବାକୁ ହେବ । ପରେ କୌଣସି ଟିକେଟ କ୍ୟାନ୍ସଲ୍ କରାଗଲେ, ସର୍ଭିସ୍ ଏଷ୍ଟାବ୍ଲିଶ୍‌ମେଣ୍ଟ (ଏଆର୍‌ଲାଇନ୍ସ ଓ ରେଲ୍‌ୱେଜ୍ / ଆକ୍ୱାୟରିଙ୍ଗ ବ୍ୟାଙ୍କ) ଠାରୁ ଯେବେବି କ୍ରେଡିଟ୍ ଆଡ୍‌ଭାଇସ୍ ମିଳିବ, ତାହା କାର୍ଡ ଏକାଉଣ୍ଟ (କ୍ୟାନ୍ସଲେଶନ୍ ଚାର୍ଜ କାଟିକରି) ରେ କ୍ରେଡିଟ୍ କରାଯିବ । ସର୍ଭିସ୍ ଏଷ୍ଟାବ୍ଲିଶ୍‌ମେଣ୍ଟ (ଏଆର୍‌ଲାଇନ୍ସ ଓ ରେଲ୍‌ୱେଜ୍ / ଆକ୍ୱାୟରିଙ୍ଗ ବ୍ୟାଙ୍କ) ଠାରୁ କ୍ରେଡିଟ୍ ଆଡ୍‌ଭାଇସ୍ ବ୍ୟାଙ୍କ କୁ ମିଳିବାରେ କ୍ୟାନ୍ସଲେଶନ୍ ଦିନାଙ୍କ ଠାରୁ ପ୍ରାୟ 45 ଦିନ ଲାଗିଥାଏ, କିନ୍ତୁ ତାହା କ୍ୟାନ୍ସଲେଶନ୍ ଦିନାଙ୍କ ଠାରୁ 45 ଦିନ ପରେ ମଧ୍ୟ ନମିଳିବା ସ୍ଥିତିରେ, ବ୍ୟାଙ୍କ'ର ନିଜସ୍ୱ ବିବେଚନା ଅନୁସାରେ କାର୍ଡ ଏକାଉଣ୍ଟ କୁ କ୍ରେଡିଟ୍ ଦିଆଯାଇ ପାରେ, କିନ୍ତୁ ସେଥିପାଇଁ କାର୍ଡମେମ୍ବରଙ୍କୁ ଓରିଜିନଲ୍ କ୍ରେଡିଟ୍ ଚାର୍ଜ ସ୍ଲିପ୍ ବ୍ୟାଙ୍କରେ ପଇଠ କରିବାକୁ ହେବ । ଏଭଳି ସ୍ଥିତିରେ ପ୍ରଚଳିତ ସର୍ଭିସ୍ ଚାର୍ଜ ଲାଗୁ ହୋଇପାରେ । (ଋ) ଫୀ ଓ ଚାର୍ଜ ମାନଙ୍କରେ କରାଯିବା କୌଣସି ପରିବର୍ତ୍ତନ କାର୍ଡମେମ୍ବରଙ୍କୁ ଅତି କମରେ 30 ଦିନର ଲିଖିତ ସୂଚନା ଦ୍ୱାରା ବତାଯିବ ।

8. **ଟ୍ରାଞ୍ଜାକ୍ସନ୍ ନିର୍ଦ୍ଦେଶାବଳୀ :** (ଅ) ଟ୍ରାଞ୍ଜାକ୍ସନ୍ ନିର୍ଦ୍ଦେଶାବଳୀରେ ଏ ପ୍ରତ୍ୟେକଟି ଥାଏ : (1) ଜିନିଷ ଓ/ବା ସର୍ଭିସ୍ କିଣିବା ସ୍ଥିତିରେ, ଏଭଳି କ୍ରୟର ରେକର୍ଡ ଜିନିଷ ଯୋଗାଣକାରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯିବ ଏବଂ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ବା ବ୍ୟାଙ୍କ କୁ ପଇଠ କରାଯିବ । (2) ଏଭଳି ନିର୍ଦ୍ଦେଶର ଇନ୍‌ପୁଟ୍ ବ୍ୟାଙ୍କ କମ୍ପ୍ୟୁଟରରେ କରାଯିବ, ଏବଂ (3) ଅନ୍ୟ କିଛି ନିର୍ଦ୍ଦେଶ, ଯାହାକୁ ପ୍ରଭାବୀ କରିବା ପାଇଁ ବ୍ୟାଙ୍କ କୁ ଅନୁରୋଧ କରାଯାଇଥିବ ଏବଂ ଏଭଳି ଅନୁରୋଧକ୍ରମେ ଯାହାକୁ ବ୍ୟାଙ୍କ ପ୍ରଚଳିତ କରିଥିବ । (ଆ) (1) ଏଟିଏମ୍ ରେ ଟ୍ରାଞ୍ଜାକ୍ସନ୍ ଇନ୍‌ଷ୍ଟ୍ରକ୍ସନ୍ ପ୍ରଭାବୀ କରିବା ପାଇଁ କାର୍ଡ ସହିତ ଉପଯୋଗ କରିବାକୁ ବ୍ୟାଙ୍କ ଗୋଟିଏ ପର୍ସନାଲ୍ ଆଇଡେଣ୍ଟିଫିକେଶନ୍ ନମ୍ବର ଯୋଗାଇବ । (2) କାର୍ଡମେମ୍ବର କୌଣସି ପରିସ୍ଥିତିରେ ଅନ୍ୟ କାହାରିକୁ ପର୍ସନାଲ୍ ଆଇଡେଣ୍ଟିଫିକେଶନ୍ ନମ୍ବର ବତାଇବେ ନାହିଁ । (3) କାର୍ଡ ବ୍ୟବହାର କରି କରାଯିବା ଯେକୌଣସି ଏଟିଏମ୍ ଟ୍ରାଞ୍ଜାକ୍ସନ୍ କାର୍ଡମେମ୍ବରଙ୍କୁ ଦାୟୀ କରିବ, ତେଣିକି ପର୍ସନାଲ୍ ଆଇଡେଣ୍ଟିଫିକେଶନ୍ ନମ୍ବର ପାଇନାହାନ୍ତି ବୋଲି କାର୍ଡମେମ୍ବର ଦାବି କରୁଥାଆନ୍ତୁ ପଛେ । (ଇ) (1) ଯେକୌଣସି ଟ୍ରାଞ୍ଜାକ୍ସନ୍ ଇନ୍‌ଷ୍ଟ୍ରକ୍ସନ୍ ମିଳିବା ପରେ, ତାକୁ କାର୍ଯ୍ୟକାରୀ କରିବା ପାଇଁ ବ୍ୟାଙ୍କ ହକ୍‌ଦାର ହେବ (କିନ୍ତୁ ବାଧ୍ୟ ହେବ ନାହିଁ) ଏବଂ ଯେପରି ସେଇଟି କାର୍ଡମେମ୍ବର ଦ୍ୱାରା ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ବା ବ୍ୟାଙ୍କ କୁ ଲିଖିତ ଓ ସ୍ୱାକ୍ଷରିତ ହୋଇ ପଇଠ କରାଯାଇଛି, ଏବଂ ସନ୍ଦେହ ଏଡ଼ାଇବା ପାଇଁ, ଆବେଦକ ଏତଦ୍ୱାରା ତାହା କରିବା ପାଇଁ ବ୍ୟାଙ୍କ କୁ ଅଧିକାର ଦେଉଛନ୍ତି । (2) ବ୍ୟାଙ୍କ'ର ରେକର୍ଡ ଅନୁସାରେ, ପର୍ସନାଲ୍ ଆଇଡେଣ୍ଟିଫିକେଶନ୍ ନମ୍ବର ସହିତ କୌଣସି ଟ୍ରାଞ୍ଜାକ୍ସନ୍ ଇନ୍‌ଷ୍ଟ୍ରକ୍ସନ୍ କାର୍ଯ୍ୟକାରୀ କରାଯାଇଥିଲେ, ତା'ର ଫଳାଫଳ ଆବେଦକଙ୍କ ପାଇଁ ବନ୍ଧନକାରକ ହେବ ।

କାର୍ଡମେମ୍ବରଙ୍କ ସର୍ତ୍ତ ଓ ନିୟମାବଳୀ :

9. **ବିବାଦ :** (ଅ) ପେମେଣ୍ଟ ଭରିବା ପାଇଁ ବ୍ୟାଙ୍କ କୁ କୌଣସି ସର୍ଭିସ୍ ଏଷ୍ଟାବ୍ଲିଶ୍‌ମେଣ୍ଟ ଠାରୁ ମିଳିଥିବା କୌଣସି ଚାର୍ଜ ବା ଅନ୍ୟ ପେମେଣ୍ଟ ରିକ୍ୱିଜିଶନ୍ ଚୂଡ଼ାନ୍ତ ପ୍ରମାଣ ହେବ ଯେ ଏଭଳି ରିକ୍ୱିଜିଶନ୍ ରେ ରେକର୍ଡ ହୋଇଥିବା ଚାର୍ଜ, ସ୍ଥିତି ଅନୁଯାୟୀ, ସେହି ଚାର୍ଜ ବା ଅନ୍ୟ ରିକ୍ୱିଜିଶନ୍ ରେ ବତାଯାଇଥିବା କାର୍ଡମେମ୍ବର ଦ୍ୱାରା ସେହି ସର୍ଭିସ୍ ଏଷ୍ଟାବ୍ଲିଶ୍‌ମେଣ୍ଟ ରେ କାର୍ଡ ବ୍ୟବହାର କରି ଯୋଗ୍ୟ ଭାବରେ କରାଯାଇଥିଲା, କେବଳ କାର୍ଡ ହଜିଥିଲେ, ଚୋରି ହୋଇଥିଲେ ବା ପ୍ରତାରଣାପୂର୍ବକ ଅପବ୍ୟବହାର କରାଯାଇଥିଲେ, ଯାହା ପ୍ରମାଣ କରିବାର ଦାୟିତ୍ୱ କାର୍ଡମେମ୍ବରଙ୍କ ଉପରେ ଆସିବ । ଏହି କ୍ଲଜ୍ ରେ ବତାଯାଇଥିବା ଅନ୍ୟ ପେମେଣ୍ଟ ରିକ୍ୱିଜିଶନ୍ ଅନ୍ତର୍ଗତ ସର୍ଭିସ୍ ଏଷ୍ଟାବ୍ଲିଶ୍‌ମେଣ୍ଟ ରେ କାର୍ଡ ବ୍ୟବହାର କରି କାର୍ଡମେମ୍ବର ଦ୍ୱାରା ହୋଇଥିବା ଅନୁମତ ଖର୍ଚ୍ଚ ସମ୍ବନ୍ଧୀୟ ଯେକୌଣସି ଓ ସମସ୍ତ ପେମେଣ୍ଟ ଅନ୍ତର୍ଭୁକ୍ତ ହେବ, ଯାହା ଚାର୍ଜ ରୂପେ ରେକର୍ଡ ହୋଇନଥିବ, ଯେପରିକି ମିସ୍‌ସେଲାନସ୍ ହୋଟେଲ ଚାର୍ଜ ଆଦି । ଏଭଳି ଚାର୍ଜ ସ୍ଲିପ୍ ରେ କାର୍ଡମେମ୍ବରଙ୍କ ସ୍ୱାକ୍ଷର ସାଙ୍ଗକୁ ସେଥିରେ ଭରାଯାଇଥିବା କାର୍ଡ ନମ୍ବର, କାର୍ଡମେମ୍ବର ଦ୍ୱାରା ଇନ୍‌କର୍ କରାଯାଇଥିବା ଦାୟ'ର ମାତ୍ରା ସକାଶେ ବ୍ୟାଙ୍କ ଓ କାର୍ଡମେମ୍ବର ମଧ୍ୟରେ ନିଶ୍ଚିତ ପ୍ରମାଣ ହେବ ଏବଂ କିଣିଥିବା ପଦାର୍ଥ / କିଣିବାକୁ ଥିବା ପଦାର୍ଥ କାର୍ଡମେମ୍ବରଙ୍କୁ ମିଳିଲାଣି କି ନାହିଁ ବା ଉପଲବ୍ଧ କରାଯାଇଥିବା ବା କରିବାକୁ ଥିବା ସର୍ଭିସ୍ କାର୍ଡମେମ୍ବରଙ୍କ ସନ୍ତୋଷ ଅନୁସାରେ ହୋଇଛି କି ନାହିଁ ନିଶ୍ଚିତ କରିବାଟା ବ୍ୟାଙ୍କ ପାଇଁ ଆବଶ୍ୟକ ହେବ ନାହିଁ । ଷ୍ଟେଟମେଣ୍ଟରେ ଉଲ୍ଲିଖିତ କୌଣସି ଚାର୍ଜ ବିଷୟରେ କାର୍ଡମେମ୍ବର ରାଜି ନହେଲେ, ଷ୍ଟେଟମେଣ୍ଟ ମିଳିବାର 15 ଦିନ ଭିତରେ ତାହା ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ବା ବ୍ୟାଙ୍କ କୁ ବତାଯିବା ଦରକାର, ଅନ୍ୟଥା ସମସ୍ତ ଚାର୍ଜ ଓ ଷ୍ଟେଟମେଣ୍ଟ ପୂରାପୂରି ଠିକ୍ ବୋଲି ଗୃହିତ ହେବ । କରାଯାଇଥିବା / କରିବାକୁ ଥିବା ଚାର୍ଜ, ପାଇଥିବା / ପାଇବାକୁ ଥିବା ସର୍ଭିସ୍ ସମ୍ପର୍କରେ କାର୍ଡମେମ୍ବରଙ୍କ ଏକାଉଣ୍ଟ କୁ ଚାର୍ଜ କରିବାର ଅଧିକାର, ସର୍ଭିସ୍ ଏଷ୍ଟାବ୍ଲିଶ୍‌ମେଣ୍ଟରେ ଉପଯୋଗ କରାଯାଉଥିବା ଚାର୍ଜ ସ୍ଲିପ୍ ରୂପେ ଓ ଅଧିକୃତ ଭିସା / ମାଷ୍ଟରକାର୍ଡ ସଦସ୍ୟ ବ୍ୟାଙ୍କ ଦ୍ୱାରା ଦିଆଯାଇଥିବା କିମ୍ବା ବ୍ୟାଙ୍କ ଦ୍ୱାରା ବତାଯିବା ପ୍ରକାରର ଫର୍ମ ରୂପେ କାର୍ଡମେମ୍ବର ଦେଇପାରିବେ । ଏସବୁ ଷ୍ଟେଟମେଣ୍ଟ ରେ ବତାଯାଇଥିବା ପ୍ରଯୋଜ୍ୟ ଚାର୍ଜ ପାଇଁ କାର୍ଡମେମ୍ବରଙ୍କ ଅରାଜି କୁ ସମାଧାନ କରିବା ପାଇଁ, ଅରାଜି ସୂଚନା ମିଳିବାର 60 ଦିନ ଭିତରେ ବ୍ୟାଙ୍କ ବୋନାଫାଇଡ୍ ଓ ଯଥୋଚିତ ପ୍ରଯତ୍ନ କରିବ । ଏଭଳି ପ୍ରଯତ୍ନ ପରେ, ଯଦି ବ୍ୟାଙ୍କ ସ୍ଥିର କରେ ଯେ ଷ୍ଟେଟମେଣ୍ଟ ରେ ଥିବା ଚାର୍ଜ ସଠିକ୍, ତେବେ ଯୋଗ୍ୟ ବିବରଣୀ ସାଙ୍ଗକୁ ଚାର୍ଜ ସ୍ଲିପ୍ ବା ପେମେଣ୍ଟ ରିକ୍ୱିଜିଶନ୍'ର ପ୍ରତିଲିପି ସହିତ ସିଏ କାର୍ଡମେମ୍ବରଙ୍କୁ ତାହାର ସୂଚନା ଦେବ । ତାପରେ କାର୍ଡମେମ୍ବର ଉଁ ଚୁଁ ନକରି ସୁଧ ଓ ଅନ୍ୟ ପ୍ରଯୋଜ୍ୟ ଚାର୍ଜ ସମେତ ପେମେଣ୍ଟ କରିବେ । (ଆ) କାର୍ଡ ଡିସ୍‌ଅନର୍ ହେବା : କାର୍ଡ ଅନର୍ କରିବା ପାଇଁ କୌଣସି ଏଷ୍ଟାବ୍ଲିଶ୍‌ମେଣ୍ଟ ମନା କରିବା ସ୍ଥିତିରେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବ ନାହିଁ । ସେହିପରି, କାର୍ଡମେମ୍ବରଙ୍କୁ ଯୋଗାଯାଇଥିବା କୌଣସି ଜିନିଷ ବା ସର୍ଭିସ୍ ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ । ଏଷ୍ଟାବ୍ଲିଶ୍‌ମେଣ୍ଟ ବିରୁଦ୍ଧରେ ଅଭିଯୋଗ କାର୍ଡମେମ୍ବର ଦ୍ୱାରା ଏଷ୍ଟାବ୍ଲିଶ୍‌ମେଣ୍ଟ ସହିତ ସମାଧାନ କରାଯିବା ଉଚିତ, ଏବଂ ଏଷ୍ଟାବ୍ଲିଶ୍‌ମେଣ୍ଟ ବିରୁଦ୍ଧରେ କାର୍ଡମେମ୍ବରଙ୍କ କୌଣସି ଦାବି ଏଠାରେ ବତାଯାଇଥିବା କୌଣସି ଓବ୍ଲିଗେଶନ୍ ରୁ କାର୍ଡମେମ୍ବରଙ୍କୁ ମୁକୁଳାଇବ ନାହିଁ । (ଇ) ଠିକଣା ପରିବର୍ତ୍ତନ : କାର୍ଡମେମ୍ବରଙ୍କ ପାଇଁ ଏହା ବାଧ୍ୟତାମୂଳକ ଯେ ନାମ ବା ଠିକଣାରେ ହେବା ପରିବର୍ତ୍ତନକୁ ସିଏ ଏହାର କାର୍ଡ ସେଣ୍ଟର ଅଫିସ୍ କୁ ଫୋନକରି ବା ଲେଖିକରି ଜଣାଇବେ । (ଈ) ଲଷ୍ଟ କାର୍ଡ ଲାଏବିଲିଟୀ ଓ ଫ୍ରଡ୍ ଚାର୍ଜସବୁ : କାର୍ଡ'ର ଅପବ୍ୟବହାର ହେବା ସ୍ଥିତିରେ, କାର୍ଡମେମ୍ବରଙ୍କ ଦାୟିତ୍ୱ ହେଉଛି ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ବା ବ୍ୟାଙ୍କ କୁ କାର୍ଡ ହଜିବାର ସମ୍ମତି ରୂପେ ଓ ସେଥିରେ ଆସିବା ଚାର୍ଜ ଡିସ୍‌କ୍ଲେମ୍ କରି ନୋଟାରାଇଜ୍‌ଡ ଆଫିଡେଭିଟ୍ ପଠାଇବେ ଏବଂ ହଜିଥିବା ସ୍ଥାନର ସ୍ଥାନୀୟ ପୁଲିସ ଅଧିକାରୀ / ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସୀ ପାଖରେ ଦାୟର କରାଯାଇଥିବା ଆକ୍‌ନଲେଜ୍‌ଡ ରିପୋର୍ଟ'ର ଗୋଟିଏ ପ୍ରତିଲିପି ମଧ୍ୟ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ବା ବ୍ୟାଙ୍କ କୁ ପଠାଇବେ ।

10. **ଜିନିଷ ଓ ସେବାର ଗୁଣ-ମାନ :** କାର୍ଡମେମ୍ବର ଦ୍ୱାରା ସର୍ଭିସ୍ ଏଷ୍ଟାବ୍ଲିଶ୍‌ମେଣ୍ଟ ଠାରୁ କିଣାଯାଇଥିବା ବା ନିଆଯାଇଥିବା ଜିନିଷପତ୍ର, ଓ୍ୱାରଣ୍ଟୀ ବା ସର୍ଭିସ୍ ସକାଶେ, ପୁଣି ଜିନିଷପତ୍ରର ଡେଲିଭରୀରେ ବିଳମ୍ବ, ନନ୍-ଡେଲିଭରୀ, ନନ୍-ରିସିପ୍ଟ ବା କାର୍ଡମେମ୍ବର ଦ୍ୱାରା ଦିଆଯାଇଥିବା ମେଲ୍ ଅର୍ଡର ଠାରୁ ମିଳିବା ତ୍ରୁଟିଯୁକ୍ତ ଜିନିଷ ସକାଶେ ବ୍ୟାଙ୍କ କୌଣସିମତେ ଦାୟୀ ହେବ ନାହିଁ । ଏହା ସ୍ପଷ୍ଟ ରୂପେ ବୁଝିବା ଦରକାର ଯେ ଜିନିଷପତ୍ର କିଣିବାକୁ ବା ସେବା ପାଇବାକୁ କାର୍ଡ ସୁବିଧା କାର୍ଡମେମ୍ବରଙ୍କ ପାଇଁ କେବଳ ଏକ ବ୍ୟବସ୍ଥା ଅଟେ ଏବଂ ଜିନିଷପତ୍ର ବା ସେବା ସମ୍ପର୍କରେ ବ୍ୟାଙ୍କ କୌଣସି ଓ୍ୱାରଣ୍ଟୀ ଦେଉ ନାହିଁ ବା ତାହାର ଗୁଣ-ମାନ, ପରିମାଣ, ଡେଲିଭରୀ ବା ଅନ୍ୟକିଛି ପାଇଁ କୌଣସି ପ୍ରତିନିଧିତ୍ୱ କରୁନାହିଁ, ଏବଂ ଯେକୌଣସି ବିବାଦକୁ କାର୍ଡମେମ୍ବର ଦ୍ୱାରା ସର୍ଭିସ୍ ଏଷ୍ଟବ୍ଲିଶ୍‌ମେଣ୍ଟ ସହିତ ସମାଧାନ କରିବା ଜରୁରୀ । ବିବାଦ ଥିବାଟା କାର୍ଡମେମ୍ବରଙ୍କୁ ସମସ୍ତ ଚାର୍ଜ ଭରିବା ଠାରୁ ମୁକ୍ତ କରୁନାହିଁ ଏବଂ ଏଭଳି ଚାର୍ଜ ତୁରନ୍ତ ଭରିବାକୁ କାର୍ଡମେମ୍ବର ସମ୍ମତି ଦେଉଛନ୍ତି, ତେଣିକି କୌଣସି ବିବାଦ ବା ଦାବି ବାକି ପଡିଥାଉ । ସମସ୍ତ ଲିକର୍ ଚାର୍ଜ ପାଇଁ କାର୍ଡ ସ୍ୱୀକାର କରିବାଟା ପ୍ରତ୍ୟେକ ପ୍ରଦେଶର ଆଇନ ବ୍ୟବସ୍ଥା ଉପରେ ନିର୍ଭର କରିବ ।

11. **ଦାୟ ଏକ୍ସକ୍ଲୁଶନ୍ :** ପୂର୍ବବର୍ତ୍ତୀ ପ୍ରତି ପକ୍ଷପାତ ନକରି, ଆବେଦକଙ୍କ ପ୍ରତି ବ୍ୟାଙ୍କ କୌଣସି ପ୍ରକାରେ ଦାୟୀ ହେବ ନାହିଁ, ଯାହା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ କୌଣସି କ୍ଷତି ବା ହାନୀ କରାଉଥିବ, ଏସବୁ ଦ୍ୱାରା : (ଅ) ଯୋଗାଯାଇଥିବା ଜିନିଷ ବା ସେବାରେ କୌଣସି ଦୋଷ, (ଆ) କାର୍ଡ ଅନର୍ ବା ସ୍ୱୀକାର କରିବାକୁ କେହି ମନାକରିବା, (ଇ) କୌଣସି କମ୍ପ୍ୟୁଟର ଟର୍ମିନଲ୍'ର ମାଲ୍‌ଫଙ୍କଶନ୍, (ଈ) କାର୍ଡମେମ୍ବର ବ୍ୟତୀତ ଅନ୍ୟ କେହି ଟ୍ରାଞ୍ଜାକ୍ସନ୍ ଇନ୍‌ଷ୍ଟ୍ରକ୍ସନ୍ ଦେବା, (ଉ) କାର୍ଡ ଫେରସ୍ତ ଅନୁରୋଧ ସମ୍ପର୍କରେ କୌଣସି ବ୍ୟକ୍ତି ଦେଇଥିବା ଷ୍ଟେଟମେଣ୍ଟ କିମ୍ବା ତାହା ସହିତ କୌଣସି ବ୍ୟକ୍ତି ଦ୍ୱାରା କିଛି କରାଯାଇଥିଲେ, (ଊ) କାର୍ଡମେମ୍ବର ଦ୍ୱାରା ବ୍ୟାଙ୍କ ପରିସରରେ ବା ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟରରେ ଧାର୍ଯ୍ୟ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କାହାରିକୁ କାର୍ଡ ହସ୍ତାନ୍ତରଣ କରିବା, (ଋ) କାର୍ଡ ମୁଖରେ ଅଙ୍କିତ ଏକ୍ସପାୟରୀ ଦିନାଙ୍କ ଆଗରୁ କାର୍ଡ ଦାବି କରିବା ଓ ସରେଣ୍ଡର କରାଇ ପାଇବାର ଅଧିକାର ବ୍ୟାଙ୍କ କ୍ରିୟାନ୍ୱିତ କରିବା, ତେଣିକି ଏଭଳି ଦାବି ଓ ସରେଣ୍ଡର କରାଯିବା ଓ/ବା ପ୍ରକ୍ୟୋର୍ କରାଯିବା ବ୍ୟାଙ୍କ ବା ଅନ୍ୟ କେହି ବ୍ୟକ୍ତି କିମ୍ବା କମ୍ପ୍ୟୁଟର ଟର୍ମିନଲ୍ ଦ୍ୱାରା କରାଯାଇଥାଉ, (ଏ) କ୍ଲଜ୍ 17

କାର୍ଡମେମ୍ବରଙ୍କ ସର୍ତ୍ତ ଓ ନିୟମାବଳୀ :

ଅନୁସାରେ କୌଣସି କାର୍ଡ ବା କାର୍ଡ ଏକାଉଣ୍ଟ ବନ୍ଦ କରିବାର ଅଧିକାର ବ୍ୟାଙ୍କ କାର୍ଯ୍ୟକାରୀ କରିବା, (ଐ) କାର୍ଡ ଫେରାଇନେବା ଓ / ବା ତାହାର ଫେରସ୍ତ ପାଇଁ ଅନୁରୋଧ କିମ୍ବା କାର୍ଡ ଅନର୍ କରିବା ବା ସ୍ୱୀକାର କରିବା ସକାଶେ କୌଣସି ସର୍ଭିସ୍ ଏଷ୍ଟାବ୍ଲିଶ୍‌ମେଣ୍ଟ / ମେଲ୍ ଅର୍ଡର୍ ଏଷ୍ଟାବ୍ଲିଶ୍‌ମେଣ୍ଟ ମନାକରିବା ଯୋଗୁଁ ଆବେଦକଙ୍କ କ୍ରେଡିଟ୍ କ୍ୟାରେକ୍ଟର୍ ଓ ସୁନାମ ହାନି ହେବା, (ଓ) କ୍ଲଜ୍ 13 ଅନୁସାରେ ବ୍ୟାଙ୍କ ଦ୍ୱାରା ଡିସ୍‌କ୍ଲୋଜ୍ କରାଯାଇଥିବା କୌଣସି ବିବରଣୀରେ ମିସ୍-ଷ୍ଟେଟ୍‌ମେଣ୍ଟ, ମିସ୍-ରିପ୍ରେଜେଣ୍ଟେଶନ୍, ଏରର୍ ବା ଓମିଶନ୍, (ଔ) ଆର୍‌ବିଆଇ ଦ୍ୱାରା ସମୟ ସମୟରେ ନିର୍ଦ୍ଧାରିତ ମାର୍ଗଦର୍ଶିକା ଅନୁସାରେ ଫରେନ୍ ଏକ୍ସଚେଞ୍ଜ ଏନ୍‌ଟାଇଟଲ୍‌ମେଣ୍ଟ କୁ ଟପି ଯାଉଥିବାରୁ ଚାର୍ଜ ମନା କରାଯିବା, ଯେତେବେଳେ ବ୍ୟାଙ୍କ ଜାଣିପାରେ ଯେ କାର୍ଡମେମ୍ବର ତାଙ୍କ ଏନ୍‌ଟାଇଟଲ୍‌ମେଣ୍ଟ ଅପେକ୍ଷା ଅଧିକା ଚାହୁଁଛନ୍ତି, (କ) ବ୍ୟାଙ୍କ ବା ବ୍ୟାଙ୍କ ତରଫରୁ କାର୍ଯ୍ୟ କରୁଥିବା କେହି ବ୍ୟକ୍ତିଙ୍କ ଦ୍ୱାରା ବକେୟା ରାଶି ପଇଠ କରିବା ପାଇଁ କୌଣସି ଦାବି ବା କ୍ଲେମ୍ କରାଗଲେ, କାର୍ଡମେମ୍ବର ସମ୍ମତି ଦେଉଛନ୍ତି ଓ ସ୍ୱୀକାର କରୁଛନ୍ତି ଯେ ଏଭଳି ଦାବି ବା କ୍ଲେମ୍ କୌଣସି ପ୍ରକାରେ କାର୍ଡମେମ୍ବରଙ୍କ ପାଇଁ ମାନହାନି ବା ପକ୍ଷପାତ କାର୍ଯ୍ୟ ବା ତାଙ୍କ ଚରିତ୍ର ଉପରେ ଲାଞ୍ଛନ ବୋଲି ଗଣାଯିବ ନାହିଁ ।

12. **ବିବରଣୀ ଡିସ୍‌କ୍ଲୋଜର୍ :** (1) ଏଠାରେ କ୍ଲଜ୍ ରେ ବତାଯାଇଥିବା ପ୍ରକାରେ, ସାଧାରଣ ଆଇନ ଅନୁସାରେ ଆବଶ୍ୟକ ଢଙ୍ଗରେ ଆବେଦକ ଓ ବ୍ୟାଙ୍କ ମଧ୍ୟରେ କରାଯିବା ସମସ୍ତ ଟ୍ରାଞ୍ଜାକ୍ସନ୍ ବିବରଣୀକୁ ବ୍ୟାଙ୍କ ଗୋପନୀୟ ରଖିବ । ପୂର୍ବବର୍ତ୍ତୀକୁ ଦୁର୍ଲକ୍ଷ୍ୟ ନକରି, ଆବେଦକ ଓ/ବା କାର୍ଡ ଏକାଉଣ୍ଟ ବିବରଣୀ ଏମାନଙ୍କୁ ଯୋଗାଇବାକୁ ଆବେଦକ ଏତଦ୍ୱାରା ବ୍ୟାଙ୍କ କୁ ଅଧିକୃତ କରୁଛନ୍ତି : (ଅ) ବ୍ୟାଙ୍କ ସହିତ ସଂଶ୍ଳିଷ୍ଟ କମ୍ପାନୀର ଯେକୌଣସି ଅଫିସ ବା ଶାଖା, (ଆ) କ୍ରେଡିଟ୍ ବ୍ୟୁରୋ ବା ଡିଫଲ୍‌ଟିଙ୍ଗ କଷ୍ଟମର୍‌ଙ୍କ ଡେଟାବେସ୍ ରଖୁଥିବା ଯେକୌଣସି ବ୍ୟାଙ୍କ ବା ଫାଇନାନ୍ସିଅଲ୍ ଇନ୍‌ଷ୍ଟିଚ୍ୟୁଶନ୍, କ୍ରେଡିଟ୍ ବ୍ୟୁରୋ, ମର୍ଚ୍ଚାଣ୍ଟ ଏଷ୍ଟାବ୍ଲିଶ୍‌ମେଣ୍ଟ ବା କମନ୍ ସର୍ଭିସ୍ ପ୍ରୋଭାଇଡର୍, (ଇ) ବ୍ୟାଙ୍କ'ର ଯେକେହି ଆକ୍ଚୁଆଲ୍ ବା ପ୍ରସ୍ତାବିତ ଆସାଇନୀ ବା କାର୍ଡ ଏକାଉଣ୍ଟ ସମ୍ପୃକ୍ତ ବ୍ୟାଙ୍କ'ର ଯେକୌଣସି ଅଧିକାରରେ ପାର୍ଟିସିପାଣ୍ଟ କିମ୍ବା ସବ୍-ପାର୍ଟିସିପାଣ୍ଟ,ବା ତା'ର ଟ୍ରାନ୍ସଫରୀ, (ଈ) ବ୍ୟାଙ୍କ ବା ଯେକୌଣସି ସମ୍ପୃକ୍ତ କମ୍ପାନୀ ସହ ଡ୍ୟୁଟୀ ଅଫ୍ କନ୍‌ଫିଡେନ୍ସିଆଲିଟୀ ଅନ୍ତର୍ଗତ ଜଣେ ଏଜେଣ୍ଟ, କଣ୍ଟ୍ରାକ୍ଟର ବା ସର୍ଭିସ୍ ପ୍ରୋଭାଇଡର୍, (ଉ) ଯେକେହି ସୁପର୍‌ଭାଇଜରୀ ବା ରେଗୁଲେଟରୀ ଅଥରିଟୀ, (ଊ) ଭାରତର ଆଇନ ଅନୁସାରେ ଏଭଳି କରିବାକୁ ଆଦେଶ ପାଇଁ କାହାରିକୁ ବି, (2) ବ୍ୟାଙ୍କ'ର ବିବେଚନା ଉପରେ ନିର୍ଭର କରି, ଆବଶ୍ୟକ ହେବା ପ୍ରକାରେ ବୈଧାନିକ ବା ଅନ୍ୟ କିଛି, ରେଗୁଲେଟର୍(ଗଣ), ଅର୍ଗାନାଇଜେଶନ୍ସ, ବଡୀଜ୍, ଭଳି ପାର୍ଟି ବା ଅଥରିଟୀକୁ କାର୍ଡମେମ୍ବରଙ୍କ କ୍ରେଡିଟ୍ ଫାସିଲିଟୀ/ସବୁ ବିଷୟରେ ବତାଇବାକୁ କାର୍ଡମେମ୍ବର ଏତଦ୍ୱାରା ବ୍ୟାଙ୍କ କୁ ଅଧିକୃତ କରୁଛନ୍ତି । ପୁଣି, କାର୍ଡମେମ୍ବରଙ୍କୁ ସୂଚନା ନଦେଇ ଯେକୌଣସି ବିବରଣୀ ପାଇଁ ଆଇନ ଅନ୍ତର୍ଗତ ଅଧିକାରୀଙ୍କ ଅନୁରୋଧ ଓ ଦାବି ପୂରଣ କରିବାକୁ ବ୍ୟାଙ୍କ ଅଧିକୃତ ।

13. **ହଜିଥିବା କାର୍ଡ ପାଇଁ ଦାୟ :** ଭାରତରେ କୌଣସି କାର୍ଡ ହଜିଥିଲେ ବା ଚୋରି ହୋଇଥିଲେ, କାର୍ଡମେମ୍ବର ତୁରନ୍ତ ଖବର ଦେବେ, ଭାରତ ବାହାରେ ଭ୍ରମଣ କଲାବେଳେ କାର୍ଡ ହଜିଥିଲେ / ଚୋରି ହୋଇଥିଲେ, କାର୍ଡମେମ୍ବର ତୁରନ୍ତ ଭାରତରେ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟରକୁ କିମ୍ବା ମାଷ୍ଟରକାର୍ଡ / ଭିସା ଗ୍ଲୋବାଲ୍ ଏମର୍ଜେନ୍ସୀ ଆସିଷ୍ଟାନ୍ସ ହେଲ୍‌ପଲାଇନ୍ସ କୁ ଖବର ଦେବେ । ଭିସା / ମାଷ୍ଟରକାର୍ଡ ଗ୍ଲୋବାଲ୍ ଏମର୍ଜେନ୍ସୀ ଆସିଷ୍ଟାନ୍ସ ସର୍ଭିସେସ୍ ଯୋଗାଉଥିବା ସେବା ଉପଯୋଗ ପାଇଁ ଲାଗୁହେବା ଚାର୍ଜ (ବିଶଦ ବିବରଣୀ ପାଇଁ ଫାସିଲିଟୀଜ୍ ଡିରେକ୍ଟରୀ ଦେଖନ୍ତୁ) ବ୍ୟାଙ୍କ ଦ୍ୱାରା ବିଲ୍ କରାଯିବ ଏବଂ କାର୍ଡମେମ୍ବର ଦ୍ୱାରା ତାହା ଭରାଯିବ । ଅନ୍ୟ ସ୍ଥିତିରେ, ହରାଇଥିବା / ଚୋରି ହୋଇଥିବା ସ୍ଥାନର ସ୍ଥାନୀୟ ପୁଲିସ / ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସୀ ପାଖରେ କାର୍ଡମେମ୍ବରଙ୍କୁ ରିପୋର୍ଟ ଦାୟର କରିବାକୁ ହେବ । ସ୍ଥାନୀୟ ପୁଲିସ / ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସୀ ପାଖରେ ଦାୟର କରାଯାଇଥିବା ରିପୋର୍ଟ'ର ଆକ୍‌ନଲେଜ୍‌ଡ କପୀଟିଏ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ବା ବ୍ୟାଙ୍କ କୁ କାର୍ଡମେମ୍ବର ପଠାଇବେ । ହଜିବା / ଚୋରି ହେବାର ଖବର ଭାରତରେ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର କିମ୍ବା ମାଷ୍ଟରକାର୍ଡ / ଭିସା ଗ୍ଲୋବାଲ୍ ଏମର୍ଜେନ୍ସୀ ଆସିଷ୍ଟାନ୍ସ ହେଲ୍‌ପଲାଇନ୍ସ କୁ ଦିଆଯିବା ପର୍ଯ୍ୟନ୍ତ କାର୍ଡ ଉପରେ ଉଠିଥିବା ଚାର୍ଜସବୁ ପାଇଁ କାର୍ଡମେମ୍ବର ଦାୟୀ ହେବେ । କାର୍ଡମେମ୍ବର ପ୍ରଥମେ ଫୋନ ଦ୍ୱାରା କାର୍ଡ ହଜିବାର ଖବର ଦେଇପାରିବେ ଓ ପରେ ପରେ ଲିଖିତ ବିବରଣୀରେ ସ୍ୱାକ୍ଷର କରି ପଇଠ କରିପାରିବେ । ଯଥୋଚିତ ଭେରିଫିକେଶନ୍ ପରେ କାର୍ଡ ଏକାଉଣ୍ଟ କୁ ବ୍ୟାଙ୍କ ଅସ୍ଥାୟୀ ରୂପେ ସସ୍‌ପେଣ୍ଡ କରିପାରେ ଏବଂ କାର୍ଡମେମ୍ବରଙ୍କୁ ଏ ସଂକ୍ରାନ୍ତରେ ହେବା ଅସୁବିଧା ସକାଶେ ବ୍ୟାଙ୍କ ଦାୟୀ ହେବ ନାହିଁ । ଭାରତରେ କାର୍ଡ ହଜିଥିବା / ଚୋରି ହୋଇଥିବା ସ୍ଥିତିରେ, ବ୍ୟାଙ୍କ'ର ଭାରତସ୍ଥିତ କାର୍ଡ ସର୍ଭିସ୍ ସେଣ୍ଟରଗୁଡ଼ିକୁ ଯଥୋଚିତ ଖବର ଦେବା ପରେ, ଅଥବା ଭାରତ ବାହାରେ କାର୍ଡ ହଜିଥିବା / ଚୋରି ହୋଇଥିବା ସ୍ଥିତିରେ, ବ୍ୟାଙ୍କ'ର ଭାରତସ୍ଥିତ କାର୍ଡ ସର୍ଭିସ୍ ସେଣ୍ଟରଗୁଡ଼ିକୁ କିମ୍ବା ମାଷ୍ଟରକାର୍ଡ / ଭିସା ଗ୍ଲୋବାଲ୍ ଏମର୍ଜେନ୍ସୀ ଆସିଷ୍ଟାନ୍ସ ହେଲ୍‌ପଲାଇନ୍ସ କୁ ଯଥୋଚିତ ଖବର ଦେବା ପରେ, ଉପରୋକ୍ତ ପାଳନ କରିବା ସଂକ୍ରାନ୍ତୀୟ କାର୍ଡମେମ୍ବରଙ୍କ ଦାୟ ଶୂନ୍ୟ ହୋଇଯିବ । କାର୍ଡ ହଜିଥିବା, ଚୋରି ହୋଇଥିବା ବା କ୍ଷତିଗ୍ରସ୍ତ ହୋଇଥିବା ଖବର ଦାୟର କରାଯିବା ପରେ, ଯଦି କାର୍ଡ ମିଳିଯାଏ, ତେବେ ତାକୁ ପୁଣି ବ୍ୟବହାର କରିବା ଅନୁଚିତ, ହୁଏତ ଟ୍ରାଞ୍ଜାକ୍ସନ୍ ଡିସ୍‌ଅନର୍ ହୋଇପାରେ । କାର୍ଡମେମ୍ବର ଘୋଷଣା କରୁଛନ୍ତି ଯେ କାର୍ଡ ହଜିବା / ଚୋରି ହେବା / କ୍ଷତିଗ୍ରସ୍ତ ହେବାର ରିପୋର୍ଟ ଦାୟର କରାଯିବା ପରେ ପୁଣି ମିଳିଲେ, ବ୍ୟାଙ୍କ କୁ ଖବର ଦେଇ ସେହି କାର୍ଡ କୁ ଇନ୍‌ଭାଲିଡେଟ୍ କରିବା ସକାଶେ ନଷ୍ଟ କରିଦେବା ଲାଗି କାର୍ଡମେମ୍ବର ନିଜେ ସମ୍ପୂର୍ଣ୍ଣ ଦାୟୀ ହେବେ । କାର୍ଡ ନଷ୍ଟ କରିଥିବାର ଦାବି କରିବା ପରେ କାର୍ଡ ଉପରେ କିଛି ଚାର୍ଜ ଆସିଲେ, କାର୍ଡ ଉପରେ ଆସିଥିବା ଚାର୍ଜ ପାଇଁ କାର୍ଡମେମ୍ବର ପୂର୍ଣ୍ଣତଃ ଦାୟୀ ହେବେ, ତେଣିକି ସେଭଳି ଚାର୍ଜ ମିସ୍‌ୟୁଜ୍ ଯୋଗୁଁ ହୋଇଥାଉ ଓ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର କିମ୍ବା ବ୍ୟାଙ୍କ କୁ କାର୍ଡ ନଷ୍ଟ କରିବାର ଖବର ଦିଆଯାଇଥାଉ ବା ନଥାଉ । କାର୍ଡ'ର ସୁରକ୍ଷା ପାଇଁ ସବୁବେଳେ କାର୍ଡମେମ୍ବର ଦାୟୀ ଏବଂ ତାହା ନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ନେବେ । ପୂର୍ବୋକ୍ତ ପଦକ୍ଷେପଗୁଡ଼ିକ ସନ୍ଦିହାନ ବୋଲି ବ୍ୟାଙ୍କ ସ୍ଥିର କଲେ, ହଜିଥିବା / ଚୋରି ହୋଇଥିବା କାର୍ଡ

ଉପରେ ଆସିବା ଆର୍ଥିକ ଦାୟ ପାଇଁ କାର୍ଡମେମ୍ବର ଦାୟୀ ହେବେ ଏବଂ ହୁଏତ କାର୍ଡ ଏକାଉଣ୍ଟ କ୍ୟାନ୍ସଲ୍ କରାଯାଇ ପାରେ ।

14. ପେମେଣ୍ଟ : (ଅ) ପ୍ରତି 30 ଦିନରେ ଟ100/– ରୁ କମ ବାଲାନ୍ସ ରହୁଥିବା ଏକାଉଣ୍ଟରେ ନୂଆ ଟ୍ରାଞ୍ଜାକ୍ସନ୍ ଦିଶିଲେ ହିଁ ଷ୍ଟେଟମେଣ୍ଟ ଜାରି କରାଯିବ । କ୍ରେଡିଟ୍ ବାଲାନ୍ସ ଥିବା ଏକାଉଣ୍ଟ ପାଇଁ, ସେହି ଏକାଉଣ୍ଟରେ ନୂଆ ଟ୍ରାଞ୍ଜାକ୍ସନ୍ ଦିଶିଲେ ହିଁ ଷ୍ଟେଟମେଣ୍ଟ ଜାରି କରାଯିବ । (ଆ) ଷ୍ଟେଟମେଣ୍ଟ ପାଇବା ପରେ, ଷ୍ଟେଟମେଣ୍ଟ ରେ ବତାଯାଇଥିବା 'ଡୋମେଷ୍ଟିକ୍ ଟ୍ରାଞ୍ଜାକ୍ସନ୍ସ' ସମକ୍ଷରେ ଉଲ୍ଲିଖିତ 'ମିନିମମ୍ ପେମେଣ୍ଟ ଡ୍ୟୁ' ରାଶି ସେଠାରେ ଉଦ୍ଧୃତ 'ପେମେଣ୍ଟ ଡ୍ୟୁ ଡେଟ୍' ସୁଦ୍ଧା ଏକାଉଣ୍ଟଧାରକ ବ୍ୟାଙ୍କ ରେ ଭରିବେ । (ଇ) ଏକାଉଣ୍ଟ ଧାରକଙ୍କୁ ଷ୍ଟେଟମେଣ୍ଟ ମିଳିବା ପରେ ପ୍ରତ୍ୟେକ କାର୍ଡମେମ୍ବର ସଂଯୁକ୍ତ ଭାବେ ଓ ଅନେକ ଭାବେ ଏକାଉଣ୍ଟଧାରକ ସହିତ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ସକାଶେ 'ମିନିମମ୍ ପେମେଣ୍ଟ ଡ୍ୟୁ' ବ୍ୟାଙ୍କ ରେ ଭରିବାକୁ ହେବ । (ଈ) ଏସବୁ ସର୍ତ୍ତ ଓ ନିୟମାବଳୀରେ ଏଭଳି କିଛି ନାହିଁ, ଯାହା ସେଟ୍ ଅଫ୍ କରିବାର, ଟ୍ରାନ୍ସଫର୍ ଓ ଆପ୍ଲିକେଶନ୍ ଅଫ୍ ମନୀଜ୍ ଆଟ୍ ଲ କିମ୍ବା ବ୍ୟାଙ୍କ ଓ ଆବେଦକ ମଧ୍ୟରେ ସମୟ ସମୟରେ କରାଯାଉଥିବା କୌଣସି ଚୁକ୍ତି ଅନୁସାରେ ବ୍ୟାଙ୍କ'ର ଅଧିକାରକୁ ପ୍ରଭାବିତ କରିବ ନାହିଁ । ବ୍ୟାଙ୍କ ପାଖରେ ଲିଏନ୍ ଅନ୍ତର୍ଗତ ରଖାଯାଇଥିବା ଜମା ସମକ୍ଷରେ ଖୋଲାଯାଇଥିବା କାର୍ଡ ଏକାଉଣ୍ଟ କ୍ଷେତ୍ରରେ, ଉପରୋକ୍ତ ଜମାଲବ୍ଧ ରାଶି କାର୍ଡମେମ୍ବରଙ୍କୁ ସୂଚନା ନଦେଇ କାର୍ଡ ଏକାଉଣ୍ଟ ରେ ବକେୟା ରାଶି ସମକ୍ଷରେ ଆଡ୍‌ଜଷ୍ଟ କରାଯିବ, ଯଦି ଏଠାରେ ତଳେ ବତାଯାଇଥିବା ପ୍ରକାରେ ପେମେଣ୍ଟ ବକେୟା ଥିବ । (ଉ) ଆବେଦକ ଦ୍ୱାରା ବ୍ୟାଙ୍କ କୁ ଦେୟ ଥିବା ପେମେଣ୍ଟ ସେପର୍ଯ୍ୟନ୍ତ ମିଳିନାହିଁ ବୋଲି ଧରାଯିବ, ଯେଉଁପର୍ଯ୍ୟନ୍ତ ବ୍ୟାଙ୍କ କୁ ସମ୍ପୃକ୍ତ କ୍ଲିଅର୍‌ଡ ଫଣ୍ଡ ମିଳିନାହିଁ । (ଊ) (1) 'ଷ୍ଟେଟମେଣ୍ଟ ବାଲାନ୍ସ' ଠାରୁ କମ ରାଶିର ପେମେଣ୍ଟ : ଷ୍ଟେଟମେଣ୍ଟରେ ଦର୍ଶାଯାଇଥିବା ପ୍ରକାରେ ଏସବୁ ସର୍ତ୍ତ ଓ ନିୟମାବଳୀର କ୍ଲଜ୍ 21 (2) ରେ ବ୍ୟାଙ୍କ ଦ୍ୱାରା ସୂଚିତ ପ୍ରାୟରିଟୀ ଅର୍ଡର ଅନୁଯାୟୀ ବ୍ୟାଙ୍କ ଦ୍ୱାରା ଏପ୍ରୋପ୍ରିଏଟ୍ କରାଯିବ । (2) ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ ଦିଆଯାଇନଥିଲେ କୌଣସି ପ୍ରକାରେ ପେମେଣ୍ଟ ଏପ୍ରୋପ୍ରିଏଟ୍ କରିବାର ସମସ୍ତ ଅଧିକାର ଆବେଦକ ଏତଦ୍ଵାରା ଛାଡ କରୁଛନ୍ତି । (ଋ) ଏସବୁ ସର୍ତ୍ତ ଓ ନିୟମାବଳୀ ଅନ୍ତର୍ଗତ ବ୍ୟାଙ୍କ କୁ ଦେୟ ହେଉଥିବା ସମସ୍ତ ରାଶି ସେଟ୍ ଅଫ୍ ବା କାଉଣ୍ଟରକ୍ଲେମ୍ ରୂପେ କିମ୍ବା ବ୍ୟାଙ୍କ ଅଥବା ଅନ୍ୟ କେହି ବ୍ୟକ୍ତି ଠାରୁ ମିଳିବାକୁ ଥିବା ବା ବକେୟା ଥିବା ରାଶି ରୂପେ କୌଣସି କଟାଣ ନକରି ଭରାଯିବା ଆବଶ୍ୟକ, ଏବଂ କୌଣସି କାର୍ଡମେମ୍ବରଙ୍କ କିଛି ଲିଗାଲ୍ ଲିମିଟେଶନ୍, ଡିସ୍‌ଏବିଲିଟୀ ବା ଇନ୍‌କ୍ୟାପାସିଟୀ ବାଛବିଚାର କରାଯିବ ନାହିଁ (ଏ) କାର୍ଡମେମ୍ବରଙ୍କ ସ୍ୱତ୍ୱ'ର ସମସ୍ତ ଆସେଟ୍ / ମନୀଜ୍ / ଡିପୋଜିଟ / ସିକ୍ୟୋରିଟୀଜ୍ ଓ ଯାହାସବୁ ବ୍ୟାଙ୍କ'ର ଅଧିକାର, ନିୟନ୍ତ୍ରଣ ବା କ୍ଷମତା ଭିତରେ ବା ଅନ୍ତର୍ଭୁକ୍ତ ଥିବ, ସେସବୁ ଉପରେ ବ୍ୟାଙ୍କ'ର ଜେନେରଲ୍ ଲିଏନ୍ ରହିବ । (ଐ) ଜିନିଷ ଓ / ବା ସର୍ଭିସ୍ ଯୋଗାଣ ସମ୍ପୃକ୍ତ ଦିଆଯାଇଥିବା କୌଣସି କ୍ରେଡିଟ୍ କେବଳ ସେବେ କାର୍ଡ ଏକାଉଣ୍ଟ କୁ ବ୍ୟାଙ୍କ ଦ୍ୱାରା ଅପ୍ଲାଇ କରାଯିବ, ଯେତେବେଳେ ବ୍ୟାଙ୍କ କୁ ସ୍ୱୀକାର୍ଯ୍ୟ ହେବା ରୂପରେ ଓ ପ୍ରଯୋଜ୍ୟ ପ୍ରଚଳିତ ମାଷ୍ଟରକାର୍ଡ / ଭିସା ସର୍ତ୍ତ ଓ ନିୟମାବଳୀ ଅନୁରୂପ ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ଦ୍ୱାରା ନୋଟିଫିକେଶନ୍ ପ୍ରାପ୍ତ ହେବ । (ଓ) କାର୍ଡ କୁ କ୍ରେଡିଟ୍ କରି ପେମେଣ୍ଟ ଦେବା ପାଇଁ ଓ ସେଭଳି ରାଶିକୁ ଏକାଉଣ୍ଟଧାରକ ଦ୍ୱାରା ବ୍ୟାଙ୍କରେ ଖୋଲାଯାଇଥିବା ଅନ୍ୟ ଏକାଉଣ୍ଟ କୁ ଡେବିଟ୍ କରିବା ପାଇଁ ଏକାଉଣ୍ଟଧାରକ ଦ୍ୱାରା ଦିଆଯିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଲାଗି ବ୍ୟାଙ୍କ ଅଧିକାରୀ ହେବ (କିନ୍ତୁ ବାଧ୍ୟ ହେବନି) । (ଔ) ଉପରେ ବତାଯାଇଥିବା ଅନୁସାରେ, ପେମେଣ୍ଟ ରୂପେ ଭରାଯାଇଥିବା ଚେକ୍ ଡ୍ରୟୀ ବ୍ୟାଙ୍କ ଦ୍ୱାରା କୌଣସି କାରଣରୁ ଫେରସ୍ତ କରାଗଲେ, ନେଗୋସିଏବଲ୍ ଇନ୍‌ଷ୍ଟ୍ରୁମେଣ୍ଟ୍ସ ଆକ୍ଟ, 1881 ବା ଏହାର ସକ୍ସେସର୍ ଅନ୍ତର୍ଗତ ଥିବା ବ୍ୟବସ୍ଥାର ସର୍ତ୍ତ ଅନୁସାରେ କାର୍ଡମେମ୍ବର ବିରୁଦ୍ଧରେ କ୍ରିମିନଲ୍ ପ୍ରୋସୀଡିଙ୍ଗ୍ସ କରାଯାଇ ପାରେ । (କ) କାର୍ଡମେମ୍ବରଙ୍କ ମୃତ୍ୟୁ, ଦିବାଳିଆପଣ ବା ବ୍ୟବସାୟ ବନ୍ଦ କରାଯିବା ସ୍ଥିତିରେ, କାର୍ଡ ଏକାଉଣ୍ଟ'ର ପୂରା ବକେୟା ରାଶି ସମ୍ପୂର୍ଣ୍ଣ ଭାବେ କାର୍ଡମେମ୍ବର, ତାଙ୍କ ଉତ୍ତରାଧିକାରୀ ବା ଆସାଇନୀ ପଇଠ କରିବାକୁ ବାଧ୍ୟ । ପରିଶୋଧର ଦାୟ କାର୍ଡମେମ୍ବରଙ୍କ ନିଯୁକ୍ତିଦାତା ବହନ କରୁଥିଲେ, ଏବଂ ଏଭଳି ନିଯୁକ୍ତିଦାତାଙ୍କ ବ୍ୟବସାୟ କୌଣସି କାରଣରୁ ବନ୍ଦ ହୋଇଗଲେ ବା ନଷ୍ଟନିଧି କିମ୍ବା ଦିବାଳିଆ ଘୋଷିତ କରାଗଲେ, ଓ/ବା ଏଭଳି ପେମେଣ୍ଟ କରିବାକୁ ଅକ୍ଷମ ହେଲେ, ବ୍ୟାଙ୍କ ପୂରା ସନ୍ତୁଷ୍ଟ ହେବା ପର୍ଯ୍ୟନ୍ତ ସମସ୍ତ ଦେୟ ରାଶି ସେଟଲ୍ କରିବାକୁ ନିଜେ କାର୍ଡମେମ୍ବର ବ୍ୟକ୍ତିଗତ ରୂପେ ଦାୟୀ ହେବେ । (ଖ) କୌଣସି କାରଣରୁ ଷ୍ଟେଟମେଣ୍ଟ ନମିଳିଲେ, ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର କୁ ଫୋନ କରି ତାଙ୍କ ଲେଟେଷ୍ଟ ବାଲାନ୍ସ ଓ/ବା ଷ୍ଟେଟମେଣ୍ଟ'ର ଡୁପ୍ଲିକେଟ୍ କପୀ ପାଇଁ ଅନୁରୋଧ କରିବେ ବୋଲି ଏବଂ ବ୍ୟାଙ୍କ କୁ ସମସ୍ତ ଦେୟ ରାଶି ପଇଠ କରିବେ ବୋଲି କାର୍ଡମେମ୍ବର ପ୍ରତିଶ୍ରୁତି ଦେଉଛନ୍ତି । (ଗ) ଓଭର୍‌ସୀଜ୍ ଟ୍ରାଞ୍ଜାକ୍ସନ୍ ଏକାଉଣ୍ଟ'ର ସମସ୍ତ ବାଲାନ୍ସ ସକାଶେ ଟଙ୍କା ପଇଠ କରିବାର ଦାୟ ଓ ଦାୟିତ୍ୱ ହେଉଛି କାର୍ଡଧାରକଙ୍କର । (ଘ) ଆର୍‌ବିଆଇ ମାର୍ଗଦର୍ଶିକା ଅନୁସାରେ, ବିଦେଶ ଗସ୍ତରେ ଥିବାବେଳେ ଆବେଦକଙ୍କ କାର୍ଡ ପାଇଁ ଧାର୍ଯ୍ୟ ଅଧିକୃତ ରାଶି ଅପେକ୍ଷା ଅଧିକ ବୈଦେଶିକ ମୁଦ୍ରା ବ୍ୟବହାର କରାଯାଇଥିଲେ, ଦାବି କରାଯିବା ପୂର୍ବରୁ ରାଶି ଆବେଦକ ଯୋଗାଇଦେବେ, ଏବଂ ଏକ୍ସଚେଞ୍ଜ କଣ୍ଟ୍ରୋଲ ଡିପାର୍ଟମେଣ୍ଟ'ର ଆଞ୍ଚଳିକ ଅଫିସ୍ କୁ ପୂର୍ଣ୍ଣ ବିବରଣୀ ସୂଚିତ କରିବାକୁ ବ୍ୟାଙ୍କ'ର ଅଧିକାର ଅଛି । ହେଲେ, କ୍ରେଡିଟ୍ କାର୍ଡ ବିଲ୍/ଡ୍ୟୁଜ୍ ପରିଶୋଧ କରିବାରେ ଏକ୍ସେସ୍ ଡ୍ରଇଙ୍ଗ୍ ଭିତ୍ତିରେ ବିଳମ୍ବ କରିବା ବା ନାସ୍ତିବାଣୀ ଶୁଣାଇବାକୁ ହେବ ନାହିଁ । (ଙ) ଷ୍ଟାଣ୍ଡାର୍ଡ ଚାର୍ଟର୍‌ଡ ବ୍ୟାଙ୍କ'ର ଶାଖା ଥିବା ସହରର କୌଣସି ଏକ ବ୍ୟାଙ୍କ ରେ 'ଏସ୍‌ସିବି ଏକାଉଣ୍ଟ (କାର୍ଡ ନଂ.)' ନାମରେ କଢ଼ାଯାଇଥିବା ଏକାଉଣ୍ଟ ପେୟୀ ଓ କ୍ରସ୍‌ଡ ଚେକ୍ / ଡ୍ରାଫ୍ଟ କୁ ବ୍ୟାଙ୍କ ପେମେଣ୍ଟ ପାଇଁ ସ୍ୱୀକାର କରିବ । ଅନ୍ୟ ସେଣ୍ଟର ରେ ଡ୍ର କରାଯାଇଥିବା ଚେକ୍ କୁ ଆଉଟ୍‌ଷ୍ଟେସନ ଚେକ୍ କୁହାଯିବ ଏବଂ ଯାହାର ଲବ୍ଧ ରାଶି କଲେକ୍ସନ୍ ବେସିସ୍ ରେ ପ୍ରାପ୍ତ ହେବ ଆଉ ତା' ଉପରେ ବ୍ୟାଙ୍କ'ର ତଥା ଏଜେନ୍‌ସୀ ଆପ୍ଲିକେବଲ୍ କଲେକ୍ସନ୍ ସର୍ଭିସ୍ ଚାର୍ଜ ଲଗାଯିବ । ଡ୍ରୟୀ ବ୍ୟାଙ୍କ ଠାରୁ ଲବ୍ଧ ରାଶି ମିଳିବା ପରେ ହିଁ କାର୍ଡ ଏକାଉଣ୍ଟ ରେ କ୍ରେଡିଟ୍ କରାଯିବ ଏବଂ ସେହି ରାଶିରୁ ଉକ୍ତ ସମୟରେ ଲାଗୁ ହେଉଥିବା ବ୍ୟାଙ୍କ କଲେକ୍ସନ୍ ଚାର୍ଜ କଟାଯିବ । (ଚ) କ୍ରସ୍ ଡିଫଲ୍ଟ : କାର୍ଡମେମ୍ବର ସମ୍ମତି ଦେଉଛନ୍ତି ଯେ ଭରାଯିବା ସମୟରେ କିମ୍ବା ଭରାଯିବା ଦିନାଙ୍କ ଆଗରୁ ଭରିବା ପାଇଁ ଘୋଷଣା କରାଯିବା ରାଶି ଯଦି କାର୍ଡମେମ୍ବର ଭରିନପାରିଲେ, କିମ୍ବା ବ୍ୟାଙ୍କ ସହିତ ଚୁକ୍ତି / ପ୍ରଯୋଜ୍ୟ ସର୍ତ୍ତ ଓ ନିୟମାବଳୀ

କାର୍ଡମେମ୍ବର ସର୍ତ୍ତ ଓ ନିୟମାବଳୀ :

(କାର୍ଡମେମ୍ବର ସର୍ତ୍ତ ଓ ନିୟମାବଳୀ ସମେତ), ଯାହା ଅନ୍ତର୍ଗତ କାର୍ଡମେମ୍ବର କୌଣସି ଫାଇନାନ୍ସିଆଲ୍ / କ୍ରେଡିଟ୍ / ଅନ୍ୟ ସୁବିଧା ଉପଭୋଗ କରୁଥିବା ସ୍ଥିତିରେ ଅନ୍ୟ କିଛି ଡିଫଲ୍ଟ କରିଲେ, ପ୍ରତ୍ୟେକ ଏଗ୍ରୀମେଣ୍ଟ ବା ସର୍ତ୍ତ ଓ ନିୟମାବଳୀ ଅନ୍ତର୍ଗତ ନିଜର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଅଧିକାର ପ୍ରତି ବିନା ପକ୍ଷପାତରେ, ବ୍ୟାଙ୍କ'ର ବିବେଚନା ଅନୁସାରେ, ଏହି ସର୍ତ୍ତ ଓ ନିୟମାବଳୀରେ ଉଲ୍ଲିଖିତ ସମସ୍ତ ବା କୌଣସି ଗୋଟିଏ ଅଧିକାର ଉପଯୋଗ କରିବା ଲାଗି ବ୍ୟାଙ୍କ ପୂରା ଅଧିକୃତ । (ଛ) ଅଧିକୃତ ଡେବ୍ଟ କଲେକ୍ସନ୍ ଏଜେନ୍‌ସୀ : କୌଣସି କାର୍ଡମେମ୍ବର ଠାରୁ ବକେୟା ପାଉଣାକୁ ବ୍ୟାଙ୍କ ନିଜର ଅଧିକୃତ କଲେକ୍ସନ୍ ଏଜେନ୍‌ସୀକୁ ଆସାଇନ୍ କରିବାର ଅଧିକାର ରଖୁଛି, ଏବଂ ଏଥିପାଇଁ ଲାଗିବା ଖର୍ଚ୍ଚ କାର୍ଡମେମ୍ବରଙ୍କ ଏକାଉଣ୍ଟ କୁ ଡେବିଟ୍ କରିବାକୁ ଅଧିକୃତ ହେବ । (ଜ) ରିଟର୍ନ୍‌ଡ ପେମେଣ୍ଟ : କାର୍ଡମେମ୍ବର ଦ୍ୱାରା / କାର୍ଡମେମ୍ବର ତରଫରୁ ପଠାଯାଇଥିବା କୌଣସି ପେମେଣ୍ଟ ଲିଖିତ ଅନର୍ ନହେଲେ, କାର୍ଡମେମ୍ବର ବିରୁଦ୍ଧରେ ଆଇନସଙ୍ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଓ ନିଜ ବିବେଚନା ଅନୁଯାୟୀ ପେନାଲ୍ ଫୀ ଲଗାଇବାର ଓ/ବା କାର୍ଡ ସୁବିଧା କ୍ୟାନ୍ସଲ୍ କରିବାର ଅଧିକାର ବ୍ୟାଙ୍କ ରଖୁଛି । (ଝ) ଅଟୋ ପେ ଇନ୍‌ଷ୍ଟ୍ରକ୍ସନ୍ସ ବାବଦରେ କୌଣସି ବିବାଦ, ଅସଂଗତି ଓ/ବା କ୍ୟାନ୍ସଲେଶନ୍ କୁ ଦୁର୍ଲକ୍ଷ୍ୟ ନକରି, ସମସ୍ତ ବକେୟା ରାଶି ସାଙ୍ଗକୁ ଲାଗୁ ହେବା ଚାର୍ଜ ଓ ସୁଧ ହାସଲ କରିବା ସକାଶେ ଆଇନସଙ୍ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କିଛିହେଲେ ବ୍ୟାଙ୍କ'ର ଅଧିକାରକୁ ଖଣ୍ଡନ କରିବ ନାହିଁ ।

15. ସଂଶୋଧନ : (ଅ) ବ୍ୟାଙ୍କ, ଏସବୁ ସର୍ତ୍ତ ଓ ନିୟମାବଳୀ କେବେବି ଓ ସମୟ ସମୟରେ ସଂଶୋଧନ କରିପାରିବ । (ଆ) ଏଭଳି ସଂଶୋଧନ, ତଳଲିଖିତ କ୍ଲଜ୍ 18(ବି) ଅନୁସାରେ ଜାରି କରାଯିବା ସୂଚନା ଅନୁସାରେ ଆବେଦକଙ୍କ ଉପରେ ଲାଗୁ ହେବ ଓ ବନ୍ଧନକାରକ ହେବ ।

16. ନିୟମ ଭଙ୍ଗ ଓ ଟର୍ମିନେଶନ୍ : (ଅ) ନିୟମ ଭଙ୍ଗ : ଏକାଉଣ୍ଟଧାରକ ବା କାର୍ଡମେମ୍ବର ଦ୍ୱାରା ଏସବୁ ସର୍ତ୍ତ ଓ ନିୟମାବଳୀର କୌଣସି ନିୟମ ଭଙ୍ଗ ହେଲେ, (1) ଏସବୁ ସର୍ତ୍ତ ଓ ନିୟମାବଳୀର ଅନ୍ୟ କୌଣସି ବ୍ୟବସ୍ଥାକୁ ଦୁର୍ଲକ୍ଷ୍ୟ ନକରି, ଏଭଳି ନିୟମ ଭଙ୍ଗଜନିତ ପ୍ରତ୍ୟକ୍ଷ ବା ପରୋକ୍ଷ ଯେକୌଣସି କ୍ଷତି ପାଇଁ ଆବେଦକ ଦାୟୀ ହେବେ : ଏବଂ (2) ଆବେଦକ ବ୍ୟାଙ୍କକୁ ଦେବାକୁ ଥିବା ସମସ୍ତ ରାଶି ଦାବି କରାଗଲେ ଆବେଦକ ସେତକ ବ୍ୟାଙ୍କକୁ ପଇଠ କରିବେ, ତେଣିକି ଦାବି କରାଯିବା ଦିନାଙ୍କରେ ତାହା ଦେୟ ହେଉଥାଉ ବା ନଥାଉ, (ଆ) ଟର୍ମିନେଶନ୍ : (1) (ଅ) ଏକାଉଣ୍ଟଧାରକ, ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ବା ବ୍ୟାଙ୍କ କୁ ଫୋନ ଦ୍ୱାରା ବା ଲିଖିତ ସୂଚନା ଦେଇ କେବେବି କାର୍ଡ ଏକାଉଣ୍ଟ ଟର୍ମିନେଟ୍ କରିପାରିବେ, (ଆ) ବ୍ୟାଙ୍କ'ର କାର୍ଡ ସର୍ଭିସ୍ ସେଣ୍ଟର ବା ବ୍ୟାଙ୍କ କୁ ଖବର ଦେଇ କାର୍ଡମେମ୍ବର ଦ୍ୱାରା କାର୍ଡ ନଷ୍ଟ କରାନଯିବା ପର୍ଯ୍ୟନ୍ତ ଓ ଏସବୁ ସର୍ତ୍ତ ଓ ନିୟମାବଳୀର କ୍ଲଜ୍ 4 (ଜି) ଉପରେ ନିର୍ଭର କରି ଏଭଳି ସୂଚନା ପ୍ରଭାବୀ ହେବ ନାହିଁ, (ଇ) ପରେ ବତାଯାଇଥିବାକୁ ଛାଡ଼ିକରି, ଆବେଦକଙ୍କ ଦ୍ୱାରା କାର୍ଡ ଏକାଉଣ୍ଟ ବା କୌଣସି କାର୍ଡ ଟର୍ମିନେଟ୍ କରାଯିବ ନାହିଁ, (2) ବ୍ୟାଙ୍କ'ର ନିଜସ୍ୱ ବିବେଚନା ଅନୁସାରେ ସ୍ଥିତି ଉପରେ ନିର୍ଭର କରି ବ୍ୟାଙ୍କ କେବେବି ଓ ବିନା ସୂଚନାରେ କାର୍ଡ ଏକାଉଣ୍ଟ ବା କୌଣସି କାର୍ଡ ଟର୍ମିନେଟ୍ କରିପାରେ, (3) କାର୍ଡ ଏକାଉଣ୍ଟ ଟର୍ମିନେଟ୍ ହେବା ପରେ ଏବଂ ପୂର୍ବରୁ ଏହାର ବିପରୀତ ବ୍ୟାଙ୍କ ଓ ଆବେଦକଙ୍କ ମଧ୍ୟରେ ଥିବା କୌଣସି ଚୁକ୍ତି ବା ବ୍ୟବସ୍ଥା ସତ୍ତ୍ୱେ : (ଅ) ଷ୍ଟେଟମେଣ୍ଟ'ର 'ଷ୍ଟେଟମେଣ୍ଟ ବାଲାନ୍ସ' ରେ ଦିଶୁଥାଉ ବା ଦିଶୁନଥାଉ, ଏବଂ (ଆ) ଟର୍ମିନେଶନ୍ ପରେ ହୋଇଥିବା କୌଣସି ଭଲ୍ୟୁଣ୍ଟାରୀ ଚାର୍ଜ (ସମ୍ବନ୍ଧିତ ଟ୍ରାଞ୍ଜାକ୍ସନ୍ ଇନ୍‌ଷ୍ଟ୍ରକ୍ଶନ୍ ଦିନାଙ୍କ ଠାରୁ ପ୍ରଭାବୀ)ର ରାଶି ତୁରନ୍ତ ଦେୟ ହେବ ଏବଂ ଆବେଦକ ଦ୍ୱାରା ଭରିବାକୁ ହେବ, ଯେପରି ତାହା ଷ୍ଟେଟମେଣ୍ଟ ରେ ପ୍ରଦର୍ଶିତ ହୋଇଛି ଓ ତା' ଉପରେ ଯଥାସମୟରେ ପ୍ରଯୋଜ୍ୟ ସୁଧ ଲାଗୁ ହେବ, ଯାହା ବ୍ୟାଙ୍କ ଷ୍ଟେଟମେଣ୍ଟ ରେ ବତାଯିବା ମାସିକ ସୁଧ ହାର ଅନୁସାରେ ହେବ ।

16 ଏ. ଓ୍ୱାର୍ନିଙ୍ଗ ବୁଲେଟିନ : କୌଣସି କାରଣ ନଦେଇ, କାର୍ଡ ସୀଜ୍ କରିବାକୁ ମର୍ଚ୍ଚାଣ୍ଟମାନଙ୍କୁ ସୂଚିତ କରିବାକୁ, ଭାରତରେ ଓ ବିଦେଶରେ ଓ୍ୱାର୍ନିଙ୍ଗ ବୁଲେଟିନ ରେ କାର୍ଡ'ର ସନ୍ଦର୍ଭ ଦେବାର ସମ୍ପୂର୍ଣ୍ଣ ଅଧିକାର ଓ ନିର୍ଣ୍ଣୟ ବ୍ୟାଙ୍କ'ର ରହିବ ।

17. ସୂଚନାସବୁ : (ଅ) ଆବେଦକ ଏତଦ୍ଵାରା ଅପରିବର୍ତ୍ତନୀୟ ଭାବେ ଏକାଉଣ୍ଟଧାରକଙ୍କୁ ଆବେଦକଙ୍କ ଏଜେଣ୍ଟ ରୂପେ ନିଯୁକ୍ତ କରୁଛନ୍ତି, ଆବେଦକଙ୍କୁ ବ୍ୟାଙ୍କ ଦ୍ୱାରା ଦିଆଯିବା ସର୍ଭିସ୍ ସକାଶେ, ଯେଉଁଥିରେ : (1) ଷ୍ଟେଟମେଣ୍ଟ'ର ଆଗପଟେ ବା ପଛପଟେ ପେମେଣ୍ଟ ଦାବିର ସର୍ଭିସ୍ ସମେତ ଷ୍ଟେଟମେଣ୍ଟ, ଯେଉଁଥିପାଇଁ ଏସବୁ ସର୍ତ୍ତ ଓ ନିୟମାବଳୀରେ ବ୍ୟବସ୍ଥା କରାଯାଇଛି, (2) ଏସବୁ ସର୍ତ୍ତ ଓ ନିୟମାବଳୀ'ର ବ୍ୟବସ୍ଥା ଅନ୍ତର୍ଗତ ବ୍ୟାଙ୍କ ଦ୍ୱାରା କରାଯିବା କିମ୍ବା ଦିଆଯିବା ଅନ୍ୟ କିଛି ଦାବି, କମ୍ୟୁନିକେଶନ୍ ବା ସୂଚନା, ଏବଂ (3) ଏସବୁ ସର୍ତ୍ତ ଓ ନିୟମାବଳୀ ସମ୍ବନ୍ଧରେ ନିଆଯିବା କାର୍ଯ୍ୟାନୁଷ୍ଠାନ କରାଗଲେ ଆଇନସଙ୍ଗତ ପ୍ରକ୍ରିୟା, (ଆ) ବ୍ୟାଙ୍କ ପାଖରେ କାର୍ଡମେମ୍ବର ଶେଷ ଥର ରେଜିଷ୍ଟର୍ କରାଇଥିବା ଠିକଣାରେ ବ୍ୟାଙ୍କ ଦ୍ୱାରା କାର୍ଡମେମ୍ବରଙ୍କୁ ପର୍ସନାଲ୍ କୂରିଅର୍ ଦ୍ୱାରା ପହଞ୍ଚାଯାଇଥିବା ବା ସାଧାରଣ ଡାକ ଦ୍ୱାରା ପଠାଯାଇଥିବା କାର୍ଡ ବିଲିଙ୍ଗ ଷ୍ଟେଟମେଣ୍ଟ ସହିତ ପଠାଯିବା ସମସ୍ତ ନଥିପତ୍ର / ପତ୍ରାଳାପ କୁ ପର୍ଯ୍ୟାପ୍ତ ଭାବେ ଯୋଗାଯାଇଛି ବୋଲି, ଏବଂ ଏଭଳି ସେବା ପୋଷ୍ଟ କରାଯିବାର ବା କୂରିଅର୍ ଏଜେନ୍‌ସୀକୁ ଦିଆଯିବାର 4ର୍ଥ ଦିନ ଶେଷରେ କାର୍ଯ୍ୟକାରୀ ହୋଇଛି ବୋଲି ଧରାଯିବ । କାର୍ଡମେମ୍ବର ଭାରତ ବାହାରର ଠିକଣା ରେଜିଷ୍ଟର୍ କରାଇଥିବା ସ୍ଥିତିରେ, କାର୍ଡମେମ୍ବର ସମ୍ମତି ଦେଉଛନ୍ତି ଯେ ତାଙ୍କ ପାଖକୁ କାର୍ଡଷ୍ଟେଟମେଣ୍ଟ ପଠାଇବା ପାଇଁ ବ୍ୟାଙ୍କ ବାଧ୍ୟ ନୁହେଁ ଏବଂ ବ୍ୟାଙ୍କ ଠାରୁ ନିଜ କାର୍ଡ ଉପରେ ଦେବାକୁ ଥିବା ରାଶି ପଚାରିକରି ସେତକ ଦେୟ ତିଥି ଆଗରୁ ଭରିବା କାର୍ଡମେମ୍ବରଙ୍କ ଦାୟିତ୍ୱ ।

କାର୍ଡମେମ୍ବର ସର୍ତ୍ତ ଓ ନିୟମାବଳୀ :

18. ଏନ୍‌ଫୋର୍ସମେଣ୍ଟ'ର ବ୍ୟୟଭାର : ଏସବୁ ସର୍ତ୍ତ ଓ ନିୟମାବଳୀ କୁ ପ୍ରଭାବୀ କରାଇବାରେ ବା ପ୍ରଭାବୀ କରାଇବାର ପ୍ରଯତ୍ନରେ ବ୍ୟାଙ୍କ ଦ୍ୱାରା କରାଯାଇଥିବା ଯେକୌଣସି ବା ସମସ୍ତ ଖର୍ଚ୍ଚ ସାଙ୍ଗକୁ ସମସ୍ତ ଲିଗାଲ୍ ଫୀ ଏବଂ ବିତରଣ କୁ ପୂରା ଭରିବା ଆଧାରରେ ବ୍ୟାଙ୍କ କୁ ପୂର୍ତ୍ତି କରିବା ସକାଶେ ଏକାଉଣ୍ଟଧାରକ ଓ ପ୍ରତ୍ୟେକ କାର୍ଡମେମ୍ବର ସଂଯୁକ୍ତ ଓ ବ୍ୟକ୍ତିଗତ ଭାବେ ଦାୟୀ ହେବେ ।

19. ଆଡ୍ ଅନ୍ କାର୍ଡ୍‌ସ ଗୋଟିଏ ଏକାଉଣ୍ଟରେ ଏକ ରୁ ଅଧିକ କାର୍ଡ ଦିଆଯାଉଥିଲେ, ସେହି ଏକାଉଣ୍ଟ'ର ଅତିରିକ୍ତ କାର୍ଡ'ର ଧାରକ ଓ ଏଭଳି ଜାରି କରିବାକୁ ଅଧିକୃତ କରାଇଥିବା ଏକାଉଣ୍ଟଧାରକ, ଉଭୟେ ସଂଯୁକ୍ତ ଓ ବ୍ୟକ୍ତିଗତ ରୂପେ ଏସବୁ ସର୍ତ୍ତ ଓ ନିୟମାବଳୀ ଅଧୀନ ରହିବେ ଏବଂ ସଂଯୁକ୍ତ ତଥା ବ୍ୟକ୍ତିଗତ ରୂପେ କାର୍ଡ/(ସବୁ) ଦ୍ୱାରା ହେବା ସମସ୍ତ ଚାର୍ଜ ପାଇଁ ଦାୟୀ ହେବେ ।

20. ପେମେଣ୍ଟ'ର ପ୍ରୟୋଗ : (1) ଏସବୁ ସର୍ତ୍ତ ଓ ନିୟମାବଳୀ ମୁଦ୍ରିତ କରାଯାଉଥିବା ଦିନାଙ୍କରେ ପ୍ରଚଳିତ ଓ ଆବେଦକ ଦ୍ୱାରା ଦେୟ ବ୍ୟାଙ୍କ ବ୍ୟୟ, ଚାର୍ଜ ଓ ଖର୍ଚ୍ଚ ''ବ୍ୟାଙ୍କ କାର୍ଡ ପାଇଁ ଚାର୍ଜସବୁ''ରେ ଦିଆଯାଇଛି । (2) କାର୍ଡ ଏକାଉଣ୍ଟ ସମ୍ବନ୍ଧରେ ମିଳିବା ପେମେଣ୍ଟ ଓ କ୍ରେଡିଟ୍ ଏହି କ୍ରମରେ ଉପଯୋଗ କରାଯିବ : (ଅ) ସୁଧ ଓ ଇନ୍‌ଭଲ୍ୟୁଣ୍ଟାରୀ ଚାର୍ଜ, (ଆ) ଷ୍ଟେଟମେଣ୍ଟ ରେ ବତାଯାଇଥିବା କ୍ୟାଶ୍ ଆଡ୍‌ଭାନ୍ସ, (ଇ) ଷ୍ଟେଟମେଣ୍ଟ ରେ ବତାଯାଇଥିବା ଜିନିଷ ଓ/ବା ସର୍ଭିସ୍ କ୍ରୟ, (ଈ) ଷ୍ଟେଟମେଣ୍ଟ ରେ ଏପର୍ଯ୍ୟନ୍ତ ଦିଶିନଥିବା ଟ୍ରାଞ୍ଜାକ୍ସନ୍ ଇନ୍‌ଷ୍ଟ୍ରକ୍ଶନ୍ସ, (ଉ) କାର୍ଡମେମ୍ବରଙ୍କର ଏକାଧିକ କାର୍ଡ ଏକାଉଣ୍ଟ ଥିଲେ, କାର୍ଡମେମ୍ବରଙ୍କ ଅନୁମତି ନେଇ / ନନେଇ ଗୋଟିଏ କାର୍ଡ ଏକାଉଣ୍ଟ'ର କ୍ରେଡିଟ୍ ବାଲାନ୍ସ / ପେମେଣ୍ଟ ଆଉ ଗୋଟିଏ କାର୍ଡ ଏକାଉଣ୍ଟ କୁ ଅନ୍ତରଣ କରିବାର ଅଧିକାର ରଖୁଛି ବ୍ୟାଙ୍କ, (3) କାର୍ଡରେ ଭାରତୀୟ ଟଙ୍କା ବା ନେପାଳ / ଭୁଟାନ'ର ସ୍ଥାନୀୟ ମୁଦ୍ରା ରେ ଖର୍ଚ୍ଚ କରାଯାଇଥିଲେ, ତାକୁ 'ଡୋମେଷ୍ଟିକ୍ ଟ୍ରାଞ୍ଜାକ୍ସନ୍ସ' ଶୀର୍ଷକ ରେ ବିଲ୍ କରାଯିବ, ଅଥଚ ଭାରତୀୟ ଟଙ୍କା ବା ନେପାଳ / ଭୁଟାନ'ର ସ୍ଥାନୀୟ ମୁଦ୍ରା ରେ ଖର୍ଚ୍ଚ କରାଯାଇନଥିଲେ, ତାକୁ 'ଓଭର୍‌ସୀଜ୍ ଟ୍ରାଞ୍ଜାକ୍ସନ୍ସ' ଶୀର୍ଷକ ରେ ବିଲ୍ କରାଯିବ ।

21. ବିବାଦ ଓ ସମାଧାନର ନ୍ୟାୟକ୍ଷେତ୍ର : ସମସ୍ତ ବିବାଦ, କେବଳ ବାଙ୍ଗାଲୋର ସ୍ଥିତ ନ୍ୟାୟାଳୟର ବିଶିଷ୍ଟ କ୍ଷେତ୍ରାଧିକାର ଅଧୀନ ଅଟେ ।

22. ମିସ୍‌ସେଲାନସ୍ : (ଅ) ଆବେଦକ ଏତଦ୍ଵାରା ବ୍ୟାଙ୍କ କୁ ଅଧିକୃତ କରୁଛନ୍ତି ଯେ ଆବେଦକ ବିଷୟରେ ଆବଶ୍ୟକ ଅଧିକ ଖବର ପାଇବା ପାଇଁ ବ୍ୟାଙ୍କ ତାଙ୍କ ନିଯୁକ୍ତିଦାତା ବା ଅନ୍ୟ କିଛି ଉତ୍ସକୁ ସମ୍ପର୍କ କରିପାରନ୍ତି । କାର୍ଡମେମ୍ବର ସମ୍ମତି ଦେଉଛନ୍ତି ଯେ ବିଲ୍'ର ଦେୟ ଭରିବା ପାଇଁ କାର୍ଡମେମ୍ବରଙ୍କୁ ଫୋନ ଦ୍ୱାରା ମନେପକାଇବାର କିମ୍ବା କାର୍ଡମେମ୍ବର ତରଫରୁ ଫୋନ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ପାଖରେ 'ରିମାଇଣ୍ଡର୍ ମେସେଜ୍' ଛାଡ଼ିବାର ଅଧିକାର ବ୍ୟାଙ୍କ'ର ଅଛି । କାର୍ଡ'ର ଦେୟ ବକେୟା ରାଶି ସକାଶେ ଲିଖିତ ବା ଅନ୍ୟ ପ୍ରକାରେ ମନେପକାଇବାର ଦାୟିତ୍ୱ ବ୍ୟାଙ୍କ'ର ନୁହେଁ, ଏବଂ ପୂର୍ବୋକ୍ତ ବିଷୟରେ ବ୍ୟାଙ୍କ ନିଜ ବିକଳ୍ପ ଓ ଅଧିକାର ପ୍ରୟୋଗ କରିବାରେ କାହାରି ଆପତ୍ତି ନାହିଁ । (ଆ) ବ୍ୟାଙ୍କ'ର କୌଣସି କାର୍ଯ୍ୟ ବା ଆଚରଣ, ବା ଏହି ଅଧିକାର ପ୍ରୟୋଗରେ କୌଣସି ପ୍ରକାରର ଅବହେଳା ବା ଢିଲାପଣ ଯୋଗୁଁ ବ୍ୟାଙ୍କ'ର କୌଣସି ଅଧିକାରରୁ ମୁକ୍ତି ମଣାଯିବା ଅନୁଚିତ, ବ୍ୟାଙ୍କ ଦ୍ୱାରା ବିଶେଷ ରୂପେ ଲିଖିତ ଆକାରରେ ମୁକ୍ତ କରାନଯିବା ପର୍ଯ୍ୟନ୍ତ ପ୍ରତ୍ୟେକ ଅଧିକାର ପୂରା ପ୍ରଭାବରେ ଲାଗୁ ହୋଇଚାଲିବ । (ଇ) କାର୍ଡମେମ୍ବର ଠାରୁ ଲିଖିତ ବା ମୌଖିକ ସମ୍ମତି ପ୍ରାପ୍ତ ନକରି ଯେକୌଣସି ଭାବେ ପ୍ରାପ୍ୟ ଓ/ବା କ୍ରେଡିଟ୍ କାର୍ଡ ବ୍ୟବସାୟକୁ ପୂରାପୂରି ବା ଆଂଶିକ ଭାବେ ଆସାଇନ୍ ବା ସିକ୍ୟୋରିଟାଇଜ୍ କରିବାର ଅଧିକାର ରଖୁଛି । (ଈ) କାର୍ଡମେମ୍ବର ଜାଣିରଖନ୍ତୁ ଯେ ତାଙ୍କ ଏକାଉଣ୍ଟରେ ଯଦି କିଛି କ୍ରେଡିଟ୍ ବାକି ଥାଏ, ତା' ଉପରେ କୌଣସି ସୁଧ ଦେବା ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ । (ଉ) ଆପଣଙ୍କ କ୍ରେଡିଟ୍ କାର୍ଡ'ର 'ଅଟୋପେ' ସୁବିଧା ରଦ୍ଦ କରିବା ଧାର୍ଯ୍ୟ ସର୍ତ୍ତ ଓ ନିୟମାବଳୀ ଅଧୀନ ହେବ । ଅଧିକ ବିବରଣୀ ପାଇଁ ହେଲ୍‌ଲାଇନ୍ କୁ ସମ୍ପର୍କ କରିବାକୁ ଅନୁରୋଧ । ଅଟୋପେ ସୁବିଧା ରଦ୍ଦ କରାଯିବା ସ୍ଥିତିରେ, ସମସ୍ତ ବକେୟା ରାଶି ଓ ପ୍ରଯୋଜ୍ୟ ଚାର୍ଜ ଆଉ ସୁଧ ଅସୁଲ କରିବାକୁ ବ୍ୟାଙ୍କ'ର ଆଇନସଙ୍ଗତ କାର୍ଯ୍ୟାନୁଷ୍ଠାନ କରିବା ଅଧିକାର ଉପରେ ଆଞ୍ଚ ଆସିବ ନାହିଁ ।

23. ପିକ୍‌ଚର୍ କାର୍ଡରେ ଫଟ : ଚିତ୍ରର ଆଗପଟେ ବା ଖାସ୍ କରି ପଛପଟେ ଚିହ୍ନ, ପ୍ରତୀକ, ବା ଅନ୍ୟ କିଛି ସାମଗ୍ରୀ ଦ୍ୱାରା ପୋଷାକ, ବ୍ୟାନର୍, ସାଇନ୍ ଆଦି ଉପରେ ଅଙ୍କନ ପ୍ରତିଷିଦ୍ଧ ଅଟେ, ଯେଉଁଥିରେ ଅନ୍ୟାନ୍ୟ ଉପରାନ୍ତେ ଏସବୁ ମଧ୍ୟ ଅନ୍ତର୍ଭୁକ୍ତ : କମ୍ପିଟିଟିଭ୍ ମାର୍କ୍ସ, ପଲିଟିକାଲ୍ ଷ୍ଟେଟମେଣ୍ଟ୍ସ ବା ପ୍ରତୀକ, ବିଜ୍ଞାପନ ବା ପ୍ରମୋଶନାଲ୍ ପଦାର୍ଥ (ଯଥା : ସ୍ଲୋଗାନ୍ସ ବା ବିଜିନେସ୍ କାର୍ଡ୍‌ସ), ବ୍ରାଣ୍ଡେଡ୍ ଉତ୍ପାଦ, କପୀରାଇଟ୍ ମାଟେରିଅଲ୍, ସେଲିବ୍ରିଟୀଜ୍ / ମ୍ୟୁଜିସିଆନ୍ସ / ପବ୍ଲିକ୍ ଫିଗର୍ସ / ଆଥ୍‌ଲେଟ୍ସ (କୋ-ବ୍ରାଣ୍ଡେଡ୍ ପ୍ରୋଗ୍ରାମ୍‌ରେ ଥିବା ଲୋକଙ୍କ ବ୍ୟତୀତ), ପ୍ରୋଭୋକେଟିଭ୍ ବା ସେକ୍ସୁଅଲ୍ ମାଟେରିଅଲ୍ (ଯଥା : ସ୍ୱିମ୍‌ସୁଟ୍ସ, ପିନ୍-ଅପ୍ସ), ସାଂସ୍କୃତିକ ବା ଧାର୍ମିକ ମୂଲ୍ୟକୁ ଅପମାନିତ କରୁଥିବା ପଦାର୍ଥ । ପିକ୍‌ଚର୍ / ଫୋଟୋଗ୍ରାଫ୍ ଏଭଳି କିଛି ନଦର୍ଶାଉ, ଯାହା ଭାରତର ସାର୍ବଭୌମତ୍ୱ ଓ ଅଖଣ୍ଡତା, ପ୍ରାଦେଶିକ ସୁରକ୍ଷା, ବିଦେଶୀ ରାଜ୍ୟଙ୍କ ସହ ମୈତ୍ରୀ, ସାମାଜିକ ଶୃଙ୍ଖଳା, ଶାଳୀନତା ବା ନୈତିକତା ବିରୁଦ୍ଧରେ ହୋଇଥିବ, ବା ନ୍ୟାୟାଳୟର ଅବମାନନା କିମ୍ବା ଯାହା କୌଣସି ଅପରାଧକୁ ଉକୁସାଇ ପାରେ, ଯାହା

କାର୍ଡମେମ୍ବର ସର୍ତ୍ତ ଓ ନିୟମାବଳୀ :

ମହିଳାଙ୍କ ପ୍ରତି ଅଶିଷ୍ଟ, ଅଶ୍ଳୀଳ, ଚରିତ୍ର ହନନ କରିବା ଭଳି ବା ଅପମାନଜନକ ହୋଇଥିବ, ଅଥବା ସାର୍ବଜନିକ ନୈତିକତା ବା ନୀତିକୁ କଳୁଷିତ, ଭ୍ରଷ୍ଟ ବା କ୍ଷତି କରିବା ଭଳି ହୋଇଥିବ । ଆବେଦକ ଏତଦ୍ଵାରା ପୁଷ୍ଟି କରୁଛନ୍ତି ଯେ ସିଏ ପଇଠ କରିଥିବା ଚିତ୍ର / ଫଟ କୌଣସି ସ୍ମାରକ, ଅଟ୍ଟାଳିକା, ସାମରିକ ମହତ୍ୱ ରଖୁଥିବା ସ୍ଥାନ / ସଂସ୍ଥାର ନୁହେଁ, ଯେଉଁଠି ଫଟ ଉଠାଇବା ଭାରତର ଆଇନାନୁସାରେ ନିଷିଦ୍ଧ । କେବଳ ଲ୍ୟାଣ୍ଡସ୍କେପ୍ ଫର୍ମାଟ୍‌ରେ ଉଠାଯାଇଥିବା ପୋଷ୍ଟକାର୍ଡ ସାଇଜ ଚିତ୍ର / ଫଟ ପଇଠ କରିବାକୁ ଆବେଦକ ସମ୍ମତ । କାର୍ଡ ଉପରେ ଚିତ୍ର / ଫଟ ର ବାସ୍ତବିକ ରିପ୍ରଡକ୍ସନ୍ ପ୍ରକ୍ରିୟା ଯୋଗେ ଚିତ୍ର / ଫଟ'ର ରଙ୍ଗ କିଛି କମ ହୋଇପାରେ ବା ତା'ର କଣ୍ଟ୍ରାଷ୍ଟ ରେ ପରିବର୍ତ୍ତନ ହୋଇପାରେ, ଏବଂ ଆବେଦକଙ୍କୁ ଏଥିପ୍ରତି ଥିବା ସମସ୍ତ ଆପତ୍ତି ଏତଦ୍ଵାରା ଛାଡ଼ କରୁଛନ୍ତି । ବ୍ୟାଙ୍କ'ର ଅନ୍ତିମ ଅନୁମୋଦନ ଉପରେ ଚିତ୍ର / ଫଟର ଉପଯୋଗ ନିର୍ଭର କରେ, ଏବଂ ବ୍ୟାଙ୍କ'ର ନିଜସ୍ୱ ବିବେଚନା ଉପରେ ନିର୍ଭର କରି ଗ୍ରହଣ କରିବା ଅଯୋଗ୍ୟ ଚିତ୍ର / ଫଟ କୁ ନାକଚ କରିପାରିବାର ଅଧିକାର ରଖୁଛି ବ୍ୟାଙ୍କ । ଆବେଦକଙ୍କୁ ଚିତ୍ର / ଫଟ ଫେରାଇବା ଲାଗି ବ୍ୟାଙ୍କ ବାଧ୍ୟ ନୁହେଁ, କିମ୍ବା ସେଥିପାଇଁ କୌଣସି କ୍ଷତିପୂର୍ତ୍ତି ଦେବାକୁ ଦାୟୀ ହେବ ନାହିଁ ।

23 ଏ. କ୍ରେଡିଟ୍ କାର୍ଡ ଉପର ଚିତ୍ର / ଫଟ ର ରିପ୍ରଡକ୍ସନ୍ ବା ଚିତ୍ର / ଫଟ'ର ସ୍ୱାମିତ୍ୱ ବା କପୀରାଇଟ୍ ପ୍ରୟୋଗ ସମ୍ବନ୍ଧିତ କୌଣସି ବିବାଦ ସହିତ ପ୍ରତ୍ୟକ୍ଷ ବା ପରୋକ୍ଷ ରୂପେ ହେବା କୌଣସି ବା ସମସ୍ତ ଦାବି ବା ଲିଗାଲ୍ ଆକ୍ସନ୍, ଡ୍ୟାମେଜ୍, କଷ୍ଟ୍ସ, ଲାଏବିଲିଟୀଜ୍ ଓ ଏକ୍ସପେନ୍ସେସ୍ (ଆଟର୍ନୀଙ୍କ ବାସ୍ତବିକ ଫୀ ଓ ଖର୍ଚ୍ଚ ସମେତ) ସମକ୍ଷରେ ବ୍ୟାଙ୍କ କୁ ଇଣ୍ଡେମ୍‌ନିଫାଇ କରିବାକୁ ଓ ଦାୟ-ମୁକ୍ତ ରଖିବାକୁ ଆବେଦକ ଏତଦ୍ଵାରା ସମ୍ମତି ଦେଉଛନ୍ତି । ଫଟ / ପିକ୍‌ଚର୍ କାର୍ଡ'ର ସର୍ତ୍ତ ଓ ନିୟମାବଳୀ ପଢ଼ିଛନ୍ତି ବୋଲି ଆବେଦକ ସ୍ୱୀକାର କରୁଛନ୍ତି ଏବଂ ତାହା ମାନିବାକୁ ଓ ପାଳନ କରିବାକୁ ସ୍ୱୀକୃତି ଦେଉଛନ୍ତି । ନିଜେ ହିଁ ଚିତ୍ର / ଫଟ'ର କପୀରାଇଟ୍'ର ସ୍ୱତ୍ୱାଧିକାରୀ ଆବେଦକ ସ୍ୱୀକାର କରୁଛନ୍ତି ଏବଂ ବ୍ୟାଙ୍କ ଦ୍ୱାରା ଏହି ଚିତ୍ର / ଫଟ ଉପଯୋଗ ଯୋଗେ କୌଣସି କପୀରାଇଟ୍ ବା ଅନ୍ୟ ପ୍ରେପ୍ରାଇଟରୀ ବା ଅନ୍ୟ ଅଧିକାର ଉଲ୍ଲଙ୍ଘନ ହେବ ନାହିଁ । ଚିତ୍ର / ଫୋଟୋକାର୍ଡ ଜାରି କରି, ବ୍ୟାଙ୍କ ଦ୍ୱାରା ଚିତ୍ର / ଫଟ ପ୍ରୟୋଗଜନିତ ସୃଷ୍ଟି ହେବା କୌଣସି ଦାବି ବା ଲିଗାଲ୍ ଆକ୍ସନ୍, ଯାହା ହୋଇପାରେ କ୍ରିମିନଲ୍ ବା ସିଭିଲ୍, ସେଥିରୁ ବ୍ୟାଙ୍କ କୁ ବଞ୍ଚାଇବା ସକାଶେ ସାହାଯ୍ୟ କରିବାକୁ ଆବେଦକ ସମ୍ମତି ଦେଉଛନ୍ତି ।

24. ବ୍ୟାଙ୍କ ଦ୍ୱାରା କାର୍ଡମେମ୍ବରଙ୍କୁ ଦିଆଯିବାକୁ ଥିବା ଋଣ / ଆଡ୍‌ଭାନ୍ସ'ର ପୂର୍ବ-ସର୍ତ୍ତ ରୂପେ କାର୍ଡମେମ୍ବର ଏତଦ୍ଵାରା ସମ୍ମତି ଦେଉଛନ୍ତି ଯେ ଦେୟ ତିଥିରେ ସିଏ ଋଣ / ଆଡ୍‌ଭାନ୍ସ ଭରିବା, ତା'ର ସୁଧ ଭରିବା, ବା ଋଣ'ର ଧାର୍ଯ୍ୟ କିସ୍ତି ବ୍ୟାଙ୍କରେ ଭରିବାରେ ହେଳା କଲେ, ବ୍ୟାଙ୍କ ଓ/ବା ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ କୁ ଅଖଣ୍ଡ ଅଧିକାର ରହିବ ଯେ ଆବେଦକଙ୍କ ନାମ ବା କମ୍ପାନୀ / ଫର୍ମ ଓ ତା'ର ଡିରେକ୍ଟର୍‌ଗଣ / ପାର୍ଟନର୍‌ଗଣ / ମାଲିକଗଣଙ୍କ ନାମ ଡିଫଲ୍ଟର୍ ରୂପେ ଏଭଳି ମାଧ୍ୟମରେ ପ୍ରକାର-ପ୍ରସାର କରିବେ, ଯାହା ବ୍ୟାଙ୍କ ବା ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ'ର ବିବେଚନାନୁସାରେ ଉଚିତ ହେବ ।

25. କାର୍ଡମେମ୍ବର ଓ ବ୍ୟାଙ୍କ'ର ହିତ ରକ୍ଷଣ ଲାଗି, ବ୍ୟାଙ୍କ କୌଣସି କ୍ରେଡିଟ୍ ବା ଫ୍ରଡ୍ ରିସ୍କ'ର ଆଭାଷ ପାଇଲେ କାର୍ଡମେମ୍ବରଙ୍କ କାର୍ଡ ଏକାଉଣ୍ଟ ବ୍ଲକ୍ କରିଦିଆଯିବ ।

26. ଏକାଉଣ୍ଟ / ଆବେଦନ ସମ୍ବନ୍ଧୀୟ କୌଣସି ବିଷୟ ସକାଶେ ବ୍ୟାଙ୍କ କୁ କିଛି ସୂଚିତ / ପୁଷ୍ଟିକରଣ / ଫଲୋ-ଅପ୍ / ଭେରିଫାଇ ଇତ୍ୟାଦି କରିବାକୁ ଥିଲେ, ତାଙ୍କୁ କେବେବି ଫୋନ, ମୋବାଇଲ, ରେଫରନ୍ସ ମାଧ୍ୟମରେ ବା ଭେଟିକରି ସମ୍ପର୍କ କରିବା ସକାଶେ ଆବେଦକ ବ୍ୟାଙ୍କ କୁ ବା ତା'ର ଅଧିକୃତ ଏଜେନ୍‌ସୀ କୁ ଅଧିକୃତ କରୁଛନ୍ତି ।

27. ଏସବୁ ସର୍ତ୍ତ ଓ ନିୟମାବଳୀ, ଭାରତର ଆଇନାନୁସାରେ ଶାସିତ ଓ ଅନ୍ୱୟେ ହେବ ।

Standard Chartered

କାର୍ଡମେମ୍ବର ସର୍ତ୍ତ ଓ ନିୟମାବଳୀ

Ver-July_07